## ରାଜପ୍ରାସାଦ ପରିସରରେ ଛଉ ମହୋତ୍ସବ

# ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କଲା ଛଉନୃତ୍ୟ

**ବାରିପଦା, ୨୯।୩(ସମିସ)**

ବେଲଗଡ଼ିଆ ସ୍ଥିତ ରାଜପ୍ରାସାଦ ପରିସରରେ ତିନି ଦିନ ଧରି ଛଉ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜଜେମା ମୃଣାଳିକା ମଞ୍ଜରୀ ଭଞ୍ଜଦେଓ ଏବଂ ଅକ୍ଷିତା ମଞ୍ଜରୀ ଭଞ୍ଜଦେଓଙ୍କ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ଦେଶ ବିଦେଶରୁ ବହୁ ଟୁର ଅପରେଟର ଯୋଗଦେଇଥିଲେ। ପ୍ରଥମ ସନ୍ଧ୍ୟାରେ ପୁରୁଲିଆର ଭଗବାନ ବିର୍ସାମୁଣ୍ଡା ଛଉ ନୃତ୍ୟ କଳାକେନ୍ଦ୍ର, ଦ୍ୱିତୀୟ ସନ୍ଧ୍ୟାରେ ଶ୍ରୀ ଶ୍ରୀ ଶିବଶମ୍ଭୁ ଛଉ ନୃତ୍ୟ କଳାମନ୍ଦିର ଓ ତୃତୀୟ ସନ୍ଧ୍ୟାରେ ବାରିପଦାର ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ ଛଉ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ଟୁର ଅପରେଟରଙ୍କୁ ରାଜପରିବାର ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା। ଆମେରିକା,



ଅଷ୍ଟ୍ରେଲିଆ, ଆୟାରଲାଣ୍ଡ, ଇଟାଲୀ ଓ ଡେନମାର୍କ ଆଦି ଦେଶରୁ ଆସିଥିବା ପ୍ରମୁଖ ଟୁର ଅପରେଟରମାନେ ଜିଲ୍ଲାର କଳା, ସଂସ୍କୃତି ଓ ପରମ୍ପରାକୁ ଅନୁଭବ କରିଥିଲେ। ଏଥିସହିତ ଶିମିଳିପାଳ ସମେତ ଶୁଳିଆପଦା ବ୍ଲକର ସାଲୋସାହି ସ୍ଥିତ ସବାଇ କ୍ଲଷ୍ଟର, କୁଳିଅଣା ଅଞ୍ଚଳର ଡୋକ୍ରା କ୍ଲଷ୍ଟର ଆଦି ପରିଦର୍ଶନ କରିଥିଲେ। ଏହି ପର୍ଯ୍ୟଟକମାନେ ଗ୍ରାମାଞ୍ଚଳର ଛଉ ନୃତ୍ୟ ଦଳର ଆଖଡାକୁ ଯାଇ ନୃତ୍ୟାଭାସ ଦେଖିଥିଲେ। ମୟୂରଭଞ୍ଜରେ ପର୍ଯ୍ୟଟନ ଶିଳ୍ପକୁ ଅଧିକ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ତଥା ଏହି ଶିଳ୍ପ ଜରିଆରେ ଅଧିକ ଯୁବତୀଯୁବକଙ୍କୁ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ପାଇଁ ଉକ୍ତ ଟୁର ଅପରେଟରଙ୍କୁ ପୁଣି ଆସିବାକୁ ଅନୁରୋଧ କରାଯାଇଥିଲା ବୋଲି ରାଜପ୍ରାସାଦ ପକ୍ଷରୁ କୁହାଯାଇଛି। ଏହି ଅବସରରେ ବିଦେଶୀଙ୍କୁ ଛଉ ନୃତ୍ୟ ଦେଖାଇବା ସହିତ ମୟୂରଭଞ୍ଜର ଅନ୍ୟାନ୍ୟ କଳାସଂସ୍କୃତି, ହସ୍ତକଳା ଓ ଶିଳ୍ପ, ବୟନ ଶିଳ୍ପ ତଥା ପ୍ରାକୃତିକ ଶୋଭାରାଜିର ପରିଦର୍ଶନ କରାଯିବାର ବ୍ୟବସ୍ଥା କରାଯାଇଥିଲା। ବିଭିନ୍ନ କାରଣରୁ ମୟୂରଭଞ୍ଜ ଜିଲ୍ଲାରେ ବୃହତ ଶିଳ୍ପମାନ ପ୍ରତିଷ୍ଠା କରାଯାଇ ପାରୁନଥିବା ବେଳେ ପର୍ଯ୍ୟଟନ ଶିଳ୍ପର ଅନେକ ସମ୍ଭାବନା ରହିଛି। ଏହି ଶିଳ୍ପ ଜରିଆରେ ଅନେକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ରୋଜଗାର ସୃଷ୍ଟି କରାଯାଇପାରିବ। ତେଣୁ ଏହାକୁ ବ୍ୟାପକ ରୂପ ଦେବା ପାଇଁ ଉଦ୍ୟମ ଜାରି ରହିଛି ଏବଂ ଆଗକୁ ମଧ୍ୟ ଜାରି ରହିବ ବୋଲି ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ପ୍ରକାଶ କରିଛନ୍ତି।

# କେଉଟ କେଉଟୁଣୀ ନୃତ୍ୟରେ ଝୁମିଲେ ଦର୍ଶକ



**ମୋରଡ଼ା, ୨୯।୩(ସମିସ):** ଶନିବାର ରାତିରେ ମୋରଡ଼ା ବ୍ଲକ ଭାଲିଆଡିହା ପଞ୍ଚାୟତ ନିଚୁଆପଦା କଳାଗ୍ରାମ କଲ୍ୟାଣ ମଣ୍ଡପରେ ଉପଖଣ୍ଡସ୍ତରୀୟ ଗ୍ରାମାଞ୍ଚଳ ଛଉ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନିଚୁଆପଦା ଛଉ ନୃତ୍ୟ ପ୍ରତିଷ୍ଠାନର ଉପ ସଭାପତି ହରିପଦ ମହାନ୍ତ କାର୍ଯ୍ୟକ୍ରମ ଆୟୋଜନରେ ସାହାଯ୍ୟ କରିଥିବାବେଳେ ଭାଲିଆଡିହା ସରପଞ୍ଚ ସୌଦାମିନୀ ସିଂ ଶୁଭାରମ୍ଭ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ମୋରଡ଼ା ବିଡ଼ିଓ ଅଣାକାର ନାୟକ, ସମ୍ମାନିତ ଅତିଥି ଭାବେ ଭାଲିଆଡିହା ପିଇଓ ଗିରିଶ ମହାନାୟକ, ଚିତ୍ରଡ଼ା ପିଇଓ ପ୍ରଶାନ୍ତ ସି, ବିଏସଏସଓ ସଲ୍‌ମା ମୁର୍ମୁ, ଜିପିଓ ପ୍ରସନ୍ନ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଶୁଳିଆପଦା ବ୍ଲକର ୩, ରାସଗୋବିନ୍ଦପୁର ବ୍ଲକର ଗୋଟିଏ ଏବଂ ମୋରଡ଼ା ବ୍ଲକର ୭ଟି ପ୍ରତିଷ୍ଠାନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଚାରକ ଭାବେ ତୁଷାର ଚନ୍ଦ୍ର ମହାନ୍ତ ଏବଂ ସତ୍ୟନାଥ ମହାନ୍ତ ଯୋଗଦେଇଥିଲେ। ମୋରଡ଼ା ବ୍ଲକ କୋହିର ବାବା ଶିବଶକ୍ତି ଛଉ ନୃତ୍ୟ ପ୍ରତିଷ୍ଠାନ ତରଫରୁ 'କେଉଟ କେଉଟୁଣୀ' ନୃତ୍ୟରେ ଦର୍ଶକ ମନଭରି ଉପଭୋଗ କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ବଡ଼ସାହି, ଶ୍ୟାମାଖୁଣ୍ଟା ଏବଂ ବେତନଟୀ ବ୍ଲକରୁ ଗୋଟିଏ ବି ଅନୁଷ୍ଠାନ ପ୍ରତିଯୋଗିତାରେ ଭାଗ ନେଇ ନ ଥିବା ଜିପିଓ ପ୍ରସନ୍ନ ମହାନ୍ତ ସୂଚନା ଦେଇଛନ୍ତି।

## ଏମ୍‌ପିସି କଲେଜରେ ଇତିହାସ ବିଭାଗର ଆଲୋଚନାଚକ୍ର

**ବାରିପଦା, ୨୯ ।୩(ସମିସ):** ଏମପିସି ସ୍ୱୟଂଶାସିତ କଲେଜର ଇତିହାସ ବିଭାଗ ପକ୍ଷରୁ ବାର୍ଷିକ ସମ୍ମାନ ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ରରେ 'ଭାରତର ସ୍ୱାଧୀନତା ସଂଗ୍ରାମରେ ମୟୂରଭଞ୍ଜର ଅନାଲୋଚିତ ସଂଗ୍ରାମୀମାନଙ୍କ ଭୂମିକା' ଶୀର୍ଷକ ବିଷୟ ବିଶାରଦ ଭାବରେ ଡ. ଯତୀନ୍ଦ୍ରନାଥ ସିଂଦେଓ ସଚନ ଯୋଗଦେଇ ପ୍ରସଙ୍ଗ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ରତ୍ନୀ ହାଁସଦା ଅତିଥି ପରିଚୟ ଦେଇଥିଲେ। କଲେଜର ଶୈକ୍ଷିକ ମୁଖ୍ୟ ଡ. ଆଲବର୍ଟିନା ତିର୍କୀ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭାଗୀୟ ଜର୍ଣ୍ଣାଲ 'ଦି ରୟାଲ୍' ଉନ୍ମୋଚିତ ହୋଇଥିଲା। ଅଧ୍ୟାପକ ଇଶ୍ୱରଙ୍କ ଚନ୍ଦ୍ର ମହାନ୍ତ, ଅଧ୍ୟାପିକା ଅର୍ପିତା ପଟ୍ଟନାୟକ କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ଆଲେକ୍ସ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ଓକିଲ ସଂଘର ନିର୍ବାଚନ ଫଳ ପ୍ରକାଶ

### ପ୍ରବୀର ସଭାପତି, ସତ୍ୟବ୍ରତ ଉପସଭାପତି ଓ ବିପ୍ଳବ ସମ୍ପାଦକ ନିର୍ବାଚିତ





**ବାରିପଦା, ୨୯ ।୩(ସମିସ):** ମୟୂରଭଞ୍ଜ ଜିଲ୍ଲା ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହେବା ସହିତ ଭୋଟଗଣତି ପରେ ଫଳାଫଳ ପ୍ରକାଶ ପାଇଛି। ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ଅସିତ କୁମାର ଓତା ସୂଚନା ଅନୁସାରେ ସଭାପତି ଭାବେ ପ୍ରବୀର କୁମାର ବସା ନିର୍ବାଚିତ ହୋଇଛନ୍ତି। ଏହା ପୂର୍ବରୁ ସେ ୨ଥର ସଭାପତି ଦାୟିତ୍ୱ ତୁଲାଇଥିଲେ। ସେହିପରି ଉପସଭାପତି ଭାବେ ପ୍ରଥମ ଥର ସତ୍ୟବ୍ରତ ଦାସ ବିଜୟୀ ହୋଇଥିବା ବେଳେ ସମ୍ପାଦକ ଭାବେ କ୍ରମାଗତ ୬ଷ୍ଠ ଥର ପାଇଁ ବିପ୍ଳବ ବାରିକ, ଯୁଗ୍ମ ସମ୍ପାଦକ (କଲ୍ୟାଣ) ଭାବେ କ୍ରମାଗତ ୫ମ ଥର ପାଇଁ ସ୍ୱରୂପ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ (ପ୍ରଶାସନ) ଭାବେ ପଙ୍କଜ କୁମାର ମହାକୁଡ, ଯୁଗ୍ମ ସମ୍ପାଦକ (ପାଠାଗାର) ଭାବେ ସତ୍ୟନାରାୟଣ ବେହେରା ଏବଂ କୋଷାଧ୍ୟକ୍ଷ ପାଇଁ ପଦ୍ମଲୋଚନ ମହାନ୍ତ ବିଜୟୀ ହୋଇଛନ୍ତି। ସେହିପରି ୮ଜଣ କାର୍ଯ୍ୟକାରୀ ସଦସ୍ୟ ଭାବେ ସୁସ୍ମିତା ଘୋଷାଲ, ଦେବରାଜ ମିଶ୍ର, ସ୍ୱପ୍ନା ମହାନ୍ତି, ପ୍ରଣତୀ ମୁର୍ମୁ, ରାଜୀବ ମହାନ୍ତି, ଗୌତମ ଶଙ୍କର ରାୟ, ଜ୍ଞାନରଞ୍ଜନ ଜେନା ଓ ସୁଶାନ୍ତ ପଣ୍ଡା ପ୍ରମୁଖ ବିଜୟୀ ହୋଇଛନ୍ତି। ଜିଲ୍ଲା ଓକିଲ ସଂଘର ୬୮୬ ଜଣ ବୈଧ ଭୋଟରଙ୍କ ମଧ୍ୟରୁ ୬୪୬ ଜଣ ଭୋଟ ଦେଇଥିଲେ। ଶନିବାର ପୂର୍ବାହ୍ନ ସାଢେ ୭ଟାରୁ ଅପରାହ୍ନ ୩ଟା ମଧ୍ୟରେ ମତଦାନ ପରେ ଅପରାହ୍ନ ୪ଟାରୁ ଭୋଟ ଗଣନା ହୋଇ ଫଳାଫଳ ପ୍ରକାଶ ପାଇଥିଲା।

### ମଦନ ମହାନ୍ତ ସଭାପତି ଓ ସରୋଜ ରାଉଳ ସମ୍ପାଦକ ନିର୍ବାଚିତ




**କରଞ୍ଜିଆ:** କରଞ୍ଜିଆ ଓକିଲ ସଙ୍ଘ ନିର୍ବାଚନ ଫଳାଫଳ ଶନିବାର ପ୍ରକାଶ ପାଇଛି। ସଭାପତିଭାବେ ମଦନ କୁମାର ମହାନ୍ତ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦୀପକ କୁମାର ଦାସ ଅଧିକାରୀ (୬୮)ଙ୍କୁ ୪ଟି ଭୋଟରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ଏମ.ଡି ଅମିରୁଲ ହୁସେନ, ସଧାରଣ ସମ୍ପାଦକ ଭାବେ ସରୋଜ କୁମାର ରାଉଳ, ଯୁଗ୍ମ ସମ୍ପାଦକ ଭାବେ ସପନ କୁମାର ଶତପଥୀ, କୋଷାଧ୍ୟକ୍ଷଭାବେ ବିଶ୍ୱଜିତ ସାହୁ ବିଜୟୀ ହୋଇଛନ୍ତି। କାର୍ଯ୍ୟକାରୀ କମିଟିକୁ କାହ୍ନୁଚରଣ ଗିରି, ଜିତେନ୍ଦ୍ର ବାରିକ, ସଂଗ୍ରାମ କୁମାର ନାଏକ, ତ୍ରିଶୂଳ କୁମାର ମହାନ୍ତ ଓ ଅଶୋକ କୁମାର ସାହୁ ନିର୍ବାଚିତ ହୋଇଛନ୍ତି। ସେହିପରି ମହିଳା ସଦସ୍ୟା ଭାବେ ସୁବର୍ଣ୍ଣ ଧୁଙ୍ଗିଆ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ଆଇନଜୀବି ତ୍ରିଲୋଚନ ପତି ସୂଚନା ଦେଇଛନ୍ତି।

### ଲମ୍ବୋଧର ବେହେରା ସଭାପତି ଓ ବସନ୍ତ ପରିଡ଼ା ସମ୍ପାଦକ




**ଉଦଳା:** ଉଦଳା ଓକିଲ ସଙ୍ଘର ସଭାପତି ଭାବେ ବରିଷ୍ଠ ଆଇନଜୀବୀ ଲମ୍ବୋଧର ବେହେରା ଓ ସମ୍ପାଦକ ଭାବେ ବସନ୍ତ କୁମାର ପରିଡ଼ା ପୁଣି ନିର୍ବାଚିତ ହୋଇଛନ୍ତି। ତେବେ ସମ୍ପାଦକ ବ୍ୟତୀତ ସମସ୍ତ ପଦବୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଶେଷ ହୋଇଛି। କେବଳ ସମ୍ପାଦକ ପଦବୀ ପାଇଁ ବସନ୍ତ କୁମାର ପରିଡ଼ା ଓ ପ୍ରଭୁପଦ ପରିଡ଼ା ମଧ୍ୟରେ ଲଢେଇ ହୋଇଥିଲା। ସେହିପରି ଉପସଭାପତି ଭାବେ ମନୋଜ ଦାସ, ସହସମ୍ପାଦକ ଭାବେ ରବୀନ୍ଦ୍ର ଜେନା, କୋଷାଧ୍ୟକ୍ଷ ଭାବେ ଦିଲ୍ଲୀପ ବାସ୍କେ ନିର୍ବାଚିତ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ଅରୁଣ ବାରିକ ସୂଚନା ଦେଇଛନ୍ତି।

### ଦେବବ୍ରତ ପରିଡ଼ା ସଭାପତି ଓ ପ୍ରବୀର ବାରିକ ସମ୍ପାଦକ



**ବେତନଟୀ:** ବେତନଟୀ ବାର ଆସୋସିଏସନ୍‌ର ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ନିର୍ବାଚନ ଅଧିକାରୀ ରଣଜିତ ଗନ୍ତାୟତଙ୍କ ତତ୍ତ୍ୱାବଧାନରେ ଭୋଟ ଗଣତି ପରେ ଉପସଭାପତି ରୂପେ ରବିନାରାୟଣ ମହାପାତ୍ର ଓ କୋଷାଧ୍ୟକ୍ଷ ରୂପେ ମନୋଜ ଦଳେଇ ଓ ଲମ୍ବୋଦର ନାୟକଙ୍କ ଭୋଟ ସମାନ ହେବା ଯୋଗୁଁ ଟସ୍‌ରେ ଲମ୍ବୋଦର ନାୟକ ବିଜୟୀ ହୋଇଛନ୍ତି। ସଭାପତି ଭାବରେ ଦେବବ୍ରତ ପରିଡ଼ା, ସମ୍ପାଦକ ଭାବରେ ପ୍ରବୀର କୁମାର ବାରିକ, ସହ ସମ୍ପାଦକ ଭାବରେ ହରଦତ୍ତ ମହାନ୍ତ ଓ କାର୍ଯ୍ୟକାରୀ କମିଟିକୁ ପ୍ରଫୁଲ୍ଲ ବେହେରା, ସତ୍ୟକାମ ପଣ୍ଡା, ଧିରଜ ଖଣ୍ଡେୱାଲ, ଧିରେନ୍ଦ୍ର ବେହେରା ଓ ସଞ୍ଜୟ ପାତ୍ର ନିର୍ବାଚନ ହୋଇଛନ୍ତି।

## ସଡ଼କ ଦୁର୍ଘଟଣାରେ ୨ ଗୁରୁତର

**ମହୁଲଡିହା/ଠାକୁରମୁଣ୍ଡା, ୨୯।୩(ସମିସ):** ଠାକୁରମୁଣ୍ଡା ଥାନା ଗଣ୍ଡିଧର ନାଳ ପୋଲ ନିକଟରେ କାର ଓ ବାଇକ ମଧ୍ୟରେ ଧକ୍କା ହେବାରୁ ୨ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ଦୁଇଜଣ ହେଲେ ମହୁଲଡିହା ଥାନା ଖୁମଠାଣ ଗ୍ରାମ ବାଉଁଶଡିହା ସାହିର ଦାମୋଦର ହୋ (୨୦) ଏବଂ ମୋହନ ହୋ(୧୬)। ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରୁ ବାଇକରେ ଖୁମଠାଣ ଫେରୁଥିବା ବେଳେ ତରାମରା ଗ୍ରାମ ପଞ୍ଚାୟତ ଗଣ୍ଡିଧର ନାଳ ପୋଲ ନିକଟରେ ଯାଜପୁରରୁ ରାଞ୍ଚି ଯାଉଥିବା ଏକ କାର୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଗୁରୁତର ହୋଇପଡ଼ିଥିଲେ। ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ଆହତଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମୋହନଙ୍କ ମୁଣ୍ଡ ଫାଟିବା ସହ ଛାତିରେ ଆଘାତ ଲାଗିଛି ଏବଂ ଦାମୋଦରଙ୍କ ମୁଣ୍ଡ ଫାଟିବା ସହ ଅଣ୍ଟାରେ ଆଘାତ ଲାଗିଛି।

## ଦୁର୍ଘଟଣାରେ ମହିଳା ମୃତ

**ମୋରଡା, ୨୯।୩(ସମିସ):** ଚିତ୍ରଡା ଫାଣ୍ଡି ଅନ୍ତର୍ଗତ ବଇଁଚିଡ଼ିହାର ଜଣେ ମହିଳା ବାଇକ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ସେ ହେଲେ ବଇଁଚିଡିହା ଗ୍ରାମର ମିନତୀ ରାଉଳ (୪୨)। ସେ ଶନିବାର ସକାଳେ ଚିତ୍ରଡା ମା' ଭୈରବୀ ମନ୍ଦିରରୁ ପୂଜା ସାରି ପାଟପୁର ଗ୍ରାମର ସମ୍ପର୍କୀୟ ପଦ୍ମଲୋଚନ ବାରିକଙ୍କ ସହିତ ବାଇକ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ବଇଁଚିଡିହା ଛକ ନିକଟରେ ବାଇକ ସାମ୍ନାକୁ ହଠାତ ଏକ ବଳଦ ଆସିଯିବାରୁ ଚାଳକ ଭାରସ୍ୟାମ ହରାଇଥିଲେ। ଫଳରେ ଉଭୟ ତଳେ ପଡ଼ିଯାଇଥିଲେ। ପରେ ସେମାନଙ୍କୁ ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା; ହେଲେ ସେଠାରେ ମିନତୀଙ୍କ ମୃତ୍ୟୁ ଘଟିଛି। ଖବର ପାଇ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଛି।

## ବାଳିକା ଆତ୍ମରକ୍ଷା ତାଲିମ୍ ଶିବିର

**ବାରିପଦା, ୨୯ ।୩(ସମିସ):** ସପଞ୍ଚୁଆ ସ୍ଥିତ ରଙ୍ଗାମାଟିଆ ବନଭୂମି ଡିଗ୍ରୀ ମହାବିଦ୍ୟାଳୟରେ ଚାଲିଥିବା ବାଳିକା ଆତ୍ମରକ୍ଷା ତାଲିମ୍ ଶିବିର ଶନିବାର ଉଦଯାପିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ପ୍ରଥମ ବର୍ଷର କଳା, ବିଜ୍ଞାନ ଛାତ୍ରୀ ଯୋଗ ଦେଇଥିଲେ। ଉଦଯାପନ ଦିବସରେ ମହାବିଦ୍ୟାଳୟ ଅଧ୍ୟକ୍ଷ ହରିଶ୍ଚନ୍ଦ୍ର ମହାନ୍ତ, ଏନଏସଏସର ଯୋଜନା ଅଧିକାରୀ ଅନିମା ମାଇତି ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ତାଲିମଦାତା ରୂପେ ତୃପ୍ତିରେଖା ଜେନା ଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ।

## ଆଉନାହାନ୍ତି ଶତାୟୁ ପୁରୁଷ ଖଗେନ୍ ଭାଇ



**ବାରିପଦା, ୨୯ ।୩(ସମିସ):** ଶାମାଖୁଣ୍ଟା ବ୍ଲକର ଭାଲୁକି ଗ୍ରାମନିବାସୀ ବିଶିଷ୍ଟ ସମାଜସେବୀ ତଥା ଶତାୟୁ କ୍ଷିରୋଦ ଚନ୍ଦ୍ର ମହାନ୍ତ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି। ସେ ଜଣେ ଉଦାରମନା, ନିଃସ୍ୱାର୍ଥପର, ସରଳ, ନିଷ୍କପଟ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ଗତ ୧୯୭୦ ମସିହା ଜାନୁଆରୀ ୨୬ ତାରିଖ 'ଭାଲୁକି ମହୋତ୍ସବ' ଆରମ୍ଭ କରିଥିଲେ; ଯାହା ଏବେ ମଧ୍ୟ ଶାମାଖୁଣ୍ଟା ବ୍ଲକରେ ଚାଲିଛି। ସେ ନିଜ ଗ୍ରାମରେ ୧୯୮୦ ମସିହାରେ ତିନି ଏକର ଜମି ଦାନକରି କ୍ଷିରୋଦ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। କ୍ଷିରୋଦ ବାବୁଙ୍କ ଏହି ଅତୁଳନୀୟ ଅବଦାନ ତାଙ୍କୁ ଅମର କରି ରଖିବ। ତାଙ୍କ ବିୟୋଗରେ ତାଙ୍କ ପରିବାର ଓ ଭାଲୁକି ତଥା ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ



**ହାଟବାଦଡା, ୨୯ ।୩(ସମିସ):** କୁସୁମୀ ବ୍ଲକ ଅନ୍ତର୍ଗତ ଉପରବେଡା ସରସ୍ୱତୀ ଶିଶୁମନ୍ଦିରର ଦଶମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ତରଣୀସେନ ଗିରି, ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଯୋଗେନ୍ଦ୍ର ଗିରି ଯୋଗଦେଇ ସଂସ୍କାରମୂଳକ ଶିକ୍ଷା ହିଁ ପ୍ରକୃତରେ ମନୁଷ୍ୟ ଗଠନ କରିପାରିବ ବୋଲି ଉଦବୋଧନ ଦେଇଥିଲେ। ରାଷ୍ଟ୍ରନିର୍ମାଣରେ ଶିଶୁମନ୍ଦିରର ଭୂମିକା ରହିଛି ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଆଚାର୍ଯ୍ୟ ବଳରାମ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଜନ୍ମେଜୟ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଆଚାର୍ଯ୍ୟ ବୀଣାପାଣି ମହାନ୍ତ ସଭାକାର୍ଯ୍ୟ ପରିଚାନନା କରିଥିଲେ। ବିଦ୍ୟାଳୟ ପୂର୍ବତନ ସମ୍ପାଦକ ଡମ୍ବୁରୁଧର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ୪୪ ବର୍ଷରେ ମା' ଶୀତଳାଙ୍କ ପୂଜା



**ବଡସାହି, ୨୯।୩(ସମିସ):** ବଡସାହି ବ୍ଲକ ବଳଭଦ୍ରପୁର ପଞ୍ଚାୟତ ଛେଳିଆ(ବି) ଗ୍ରାମରେ ଦୀର୍ଘ ୪୪ ବର୍ଷ ଧରି ମା' ଶୀତଳାଙ୍କ ପୂଜା ଧୂମଧାମରେ ପାଳିତ ହୋଇଆସୁଛି। ବାର ମାସରେ ତେର ପର୍ବ ସହିତ ଓଡ଼ିଶାର ସମସ୍ତ ସଂସ୍କୃତି ଓ ପରମ୍ପରା ଏଠାରେ ପାଳନ ହେଉଛି। ଗ୍ରାମ୍ୟ ଉନ୍ନୟନ କମିଟି ଗ୍ରାମବାସୀଙ୍କୁ ଏକତା ସୂତ୍ରରେ ବାନ୍ଧି ରଖି ପାରିଥିବାରୁ ଏହା ସମ୍ଭବ ହୋଇ ପାରିଛି। ଚଳିତବର୍ଷ କମିଟି ପକ୍ଷରୁ ୪୪ତମ ପୂଜା ପାଳନ ହୋଇଛି। ପୂଜା ପାଇଁ ଗତ ୨୫ରେ ଘଟ ଉତ୍ତୋଳନ ହୋଇଥିବା ବେଳେ ସପ୍ତମୀ, ଅଷ୍ଟମୀ, ନବମୀ ଓ ଶବିବାର ଦଶମୀରେ ଶେଷ ହୋଇଛି। ଏହି ପୂଜା ସ୍ୱର୍ଗତ ଦୀନବନ୍ଧୁ ସାତୁଆ, ଲକ୍ଷ୍ମୀଧର ବେହେରା, କେଶରୀ ଚନ୍ଦ୍ର ବେହେରା, ହରିହର ପଣ୍ଡା ଓ ଶ୍ୟାମସୁନ୍ଦର ନାୟକ ପ୍ରମୁଖ ନେତୃତ୍ୱରେ ଆରମ୍ଭ ହୋଇଥିଲା। ମୂର୍ତ୍ତି ସହିତ ଆକର୍ଷଣୀୟ ମେଢ ଓ ରଙ୍ଗବେରଙ୍ଗର ଆଲୋକ ସଜ୍ଜା ବେଶ ଚିତ୍ତାକର୍ଷକ ହୋଇଛି। ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶରେ ଏହି ପୂଜା ୫ଦିନ ଧରି ଧୂମଧାମରେ ପାଳିତ ହୋଇଛି। ଚଳିତ ବର୍ଷ ପୂଜା ପାଇଁ ୪ ଲକ୍ଷ ଟଙ୍କାର ବଜେଟ ରହିଛି। ଖର୍ଚ୍ଚ ବାବଦକୁ ଗ୍ରାମବାସୀ ଏବଂ ନିମନ୍ତ୍ରିତ ଅତିଥି ଓ ବଦାନ୍ୟ ବ୍ୟକ୍ତିମାନେ ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି। ପୋଖରୀ, ଗଡ଼ିଆ ନିଲାମରୁ ମଧ୍ୟ କିଛି ଅର୍ଥ କମିଟିକୁ ଆସିଥାଏ। ମୁଖ୍ୟ ପୂଜକ ବିଜୟ କୁମାର ପଣ୍ଡାଙ୍କ ସହିତ ବ୍ରାହ୍ମଣ ମଣ୍ଡଳୀ ପୂଜା କାର୍ଯ୍ୟ ସମ୍ପାଦନ କରିଛନ୍ତି। କମିଟି ପକ୍ଷରୁ ରୁଦ୍ରନାରାୟଣ ମହାପାତ୍ର, ପ୍ରଦୀପ ନାୟକ, ସତ୍ୟଜିତ ବେହେରା, ଯୋଗେନ୍ଦ୍ର ବେହେରା, ବିଶ୍ୱରଞ୍ଜନ ପତି ପ୍ରମୁଖ ନେତୃତ୍ୱ ନେଇଥିଲେ।

## ପଞ୍ଚାୟତ ସମିତିସ୍ତରୀୟ ଜନଶୁଣାଣି ଶିବିର

**ଶୁଳିଆପଦା, ୨୯।୩(ସମିସ):** ଶୁଳିଆପଦା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଏଡିଏମ୍ ନେତ୍ରାନନ୍ଦ ମଲ୍ଲିକଙ୍କ ସଭାପତିତ୍ୱରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମନରେଗା ଯୋଜନା ୨୪-୨୫ ଆର୍ଥିକ ବର୍ଷର ୧ ଅପ୍ରେଲରୁ ୩୦ ସେପ୍ଟେମ୍ବର ୨୪ ପର୍ଯ୍ୟନ୍ତ ଓ ପଞ୍ଚଦଶ ଅର୍ଥ କମିସନ୍ ଅନୁଦାନ ୧ ଅପ୍ରେଲ ୨୦ ରୁ ୩୦ ସେପ୍ଟେମ୍ବର ୨୪ ସାମାଜିକ ସମୀକ୍ଷା ପ୍ରକ୍ରିୟା ୨୨ ଅକ୍ଟୋବର ୨୪ରୁ ଆରମ୍ଭ ହୋଇ ୨ ଜାନୁଆରୀ ୨୪ ବ୍ଲକ ଅଧିନ ସମସ୍ତ ୧୬ ଟି ପଞ୍ଚାୟତରେ ସମାପ୍ତ ହୋଇଥିଲା। ଏହି ସାମାଜିକ ସମୀକ୍ଷା ପ୍ରକ୍ରିୟାରେ ୧୦ ଜଣ ଗ୍ରାମ ସମ୍ବଳ ବ୍ୟକ୍ତି ୨-୩ ଜଣିଆ ଦଳ ହୋଇ ପ୍ରତ୍ୟେକ ପଞ୍ଚାୟତରେ ୭ରୁ ୧୦ ଦିନ ସମ୍ପୃକ୍ତ ହିତାଧିକାରୀ, ଜବ୍‌କାର୍ଡଧାରୀ ଓ ସମ୍ପାଦିତ ହୋଇଥିବା କାର୍ଯ୍ୟ ଯାଞ୍ଚ କରିଥିବା ନେଇ ଉପସ୍ଥାପନ କରିଥିଲେ। ଗତ ୨୦୨୪-୨୫ ଆର୍ଥିକ ବର୍ଷ ସୁଦ୍ଧା ମୋଟ୍ ୧୯ ହଜାର ୬ ଶହ ୬୪ଟି ଜବକାର୍ଡ ପ୍ରଦାନ କରାଯାଇଥିଲା। ଏଥିରେ ଅଣକୁଶଳୀ କାର୍ଯ୍ୟ ନିମନ୍ତେ ଆବେଦନ କରିଥିବା ସମସ୍ତ ୯ ହଜାର ୨ ଶହ ୬୧ ପରିବାରକୁ କାର୍ଯ୍ୟ ଯୋଗାଇ ଦିଆଯାଇ ୩ ଲକ୍ଷ ୭୦ ହଜାର ଶହେ ୮୪ଟି ଶ୍ରମ ଦିବସ ସୃଷ୍ଟି କରାଯାଇଥିଲା। ଏହି ସମୟ ମଧ୍ୟରେ ୧୦୬ ପରିବାରକୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଥିଲା। ଆର୍ଥିକ ବର୍ଷରେ ୬ ହଜାର ୩ ଶହ ୭୩ଟି ପ୍ରକଳ୍ପ ହାତକୁ ନିଆଯାଇ ମଜୁରୀ ଓ ଶ୍ରମ ବାବଦକୁ ୧୩ ଶହ ୧୧ ଦଶମିକ ୧୮ ଲକ୍ଷ (୧୩୧୧.୧୮ ଲକ୍ଷ) ଅର୍ଥ ବ୍ୟୟ କରାଯାଇଛି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଇଶ୍ୱର ଚନ୍ଦ୍ର ନାଏକ୍ ଏଡିଏମ୍, ମୟୂରଭଞ୍ଜ, ପାନମଣୀ ମାର୍ଣ୍ଡି ବ୍ଲକ ଅଧ୍ୟକ୍ଷା, ଜିଲ୍ଲା ପରିଷଦ ନଗେନ୍ଦ୍ର ନାଥ କିସ୍କୁ, ମିରାଲତା ସିଂ, ବ୍ଲକ ଉପାଧ୍ୟକ୍ଷା ଜ୍ୟୋତିଲାଲ୍ ବାରିକ୍, ଶୁଳିଆପଦା ବିଡିଓ ଅନୁପମା ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।



### ପିଆର୍‌ଏମ୍ ହସ୍ପିଟାଲରେ ରୋଗୀ ସମ୍ପର୍କୀୟଙ୍କ ପାଇଁ ନାହିଁ ସୁବିଧା

# ବିଶ୍ରାମସ୍ଥଳରେ ଫ୍ୟାନ୍ ନାହିଁ; ଉହଡହ ଖରାରେ ଆଉଟୁପାଉଟୁ

ବାରିପଦା, ୨୯ ।୩(ସମିସ)



ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ରୋଗୀ ସମ୍ପର୍କୀୟଙ୍କ ନିମନ୍ତେ ସୁବିଧା ନ ଥିବାରୁ ୪୦ ଡିଗ୍ରୀ ଉହ ଡହ ଖରାରେ ଆଉଟୁପାଉଟୁ ହେଉଛନ୍ତି। ଇତି ମଧ୍ୟରେ ହସ୍ପିଟାଲର ଶିଶୁ ଓ ମାତୃ ବିଭାଗର ୭ ମହଲା ବିଲ୍ଡିଂ ସମ୍ମୁଖରେ ଥିବା ରେଷ୍ଟସେଡ (ବିଶ୍ରାମସ୍ଥଳ)ରେ ମୁଣ୍ଡାଫଟା ଖରାରେ ରୋଗୀ ସମ୍ପର୍କୀୟମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ହସ୍ପିଟାଲ ଉପରେ ମୟୂରଭଞ୍ଜ ସମେତ ପଡୋଶୀ ପଶ୍ଚିମବଙ୍ଗ ଏବଂ ଝାରଖଣ୍ଡର ଲୋକେ ନିର୍ଭରଶୀଳ।

ପ୍ରତିଦିନ ଏଠାକୁ ହଜାରହଜାର ସଂଖ୍ୟକ ରୋଗୀ ଆସିଥାନ୍ତି। ଏଥିସହିତ ଶିଶୁ ଓ ମାତୃ ବିଭାଗରେ ଅନେକ ପ୍ରସୂତି ମଧ୍ୟ ହୋଇଥାଏ। କିନ୍ତୁ ହସ୍ପିଟାଲରେ ଶଯ୍ୟା ଅଭାବ ଯୋଗୁଁ ଅନେକ ୱାର୍ଡ ବାହାର ବାରଣ୍ଡାରେ ଶିଶୁ ଓ ମହିଳାମାନେ ଶୋଉଛନ୍ତି। ଯାହାକୁ ନେଇ ସମ୍ପର୍କୀୟମାନେ ବାଧ ହୋଇ ୭ ମହଲା ସମ୍ମୁଖରେ ଥିବା ରେଷ୍ଟସେଡରେ ବିଶ୍ରାମ ନେଉଛନ୍ତି। କିନ୍ତୁ ସେଠାରେ ଫ୍ୟାନ ନଥିବାରୁ ୪୦ଡିଗ୍ରୀ ତାପମାତ୍ରାରେ ଲୋକେ ଉହଳ ବିକଳ ହେଉଛନ୍ତି। ବାରିପଦା ଉତ୍ତପ୍ତ ସହର ଭାବେ ପରିଗଣିତ ଥିବା ବେଳେ ଗତ ବର୍ଷ ୪୦ ଡିଗ୍ରୀ ତାପମାତ୍ରା ପାର କରି ୮ ଥର ରାଜ୍ୟର ସବୁଠୁ ତତଲା ସହର ଓ ଦେଶର ୧୦ଟି ଉତ୍ତପ୍ତ ସହର ମଧ୍ୟରେ ସ୍ଥାନ ପାଇଥିଲା। ଗତ ବର୍ଷର ଗ୍ରୀଷ୍ମପ୍ରବାହର ଅନୁଭୂତି ଲୋକଙ୍କ ମନ ମଧ୍ୟରୁ ଯାଇ ନ ଥିବା ବେଳେ ମାର୍ଚ୍ଚରେ ବାରିପଦାର ତାପମାତ୍ରା ୪୦ ଡିଗ୍ରୀ ଛୁଇଁଲାଣି। ଏହାକୁ ନେଇ ଜିଲ୍ଲା ପ୍ରଶାସନ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରୁଥିବା ବେଳେ ରେଷ୍ଟସେଡ଼ରେ ଲୋକେ ଫ୍ୟାନ ନ ଥିବାରୁ ଗରମରେ ବାଧହୋଇ ଶୋଉଛନ୍ତି। ମଶା ସାଙ୍ଗକୁ ଗରମରେ ରାତି କଟାଇବା କଷ୍ଟସାଧ୍ୟ ହେଉଛି। ହସ୍ପିଟାଲରେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ସେବା ଯୋଗାଇବା ପାଇଁ ବ୍ୟବସ୍ଥା ଥିବା ବେଳେ ଏଥିପ୍ରତି କେହି ମନନିବେଶ କରୁନାହାଁନ୍ତି। ଯାହାକୁ ନେଇ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ହସ୍ପିଟାଲ ଅଧ୍ୟକ୍ଷ ଡା ରବୀନ୍ଦ୍ର କୁମାର ମିଶ୍ରଙ୍କୁ ପଚାରିବାରୁ ଏ ବାବଦରେ କ'ଣ ବ୍ୟବସ୍ଥା ହୋଇପାରିବ ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି। ତେବେ ଜିଲ୍ଲାର ଏକମାତ୍ର ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଉନ୍ନତ ସେବା ଯୋଗାଇବା ପାଇଁ ସମସ୍ତ ନିର୍ବାଚିତ ଜନପ୍ରତିନିଧି ଦୃଷ୍ଟିଦେବା ଜରୁରୀ।

## ଅପ୍ରେଲ ପାଇଁ ଜନଶୁଣାଣି କାର୍ଯ୍ୟସୂଚୀ

**ବାରିପଦା, ୨୯ ।୩(ସମିସ):** ମୟୂରଭଞ୍ଜ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ଅପ୍ରେଲ ମାସରେ ଅନୁଷ୍ଠିତ ହେବାକୁ ଥିବା ମିଳିତ ଜନଶୁଣାଣି ଶିବିରରକାର୍ଯ୍ୟସୂଚୀ ନିର୍ଦ୍ଧାରିତ ହୋଇଛି। ବିଜ୍ଞପ୍ତି ଅନୁଯାୟୀ ଅପ୍ରେଲ ମାସର ପ୍ରଥମ ସୋମବାର ୭ ତାରିଖ ଜିଲ୍ଲା ମୁଖ୍ୟାଳୟ ତଥା ସଦର ଉପଖଣ୍ଡ ବାରିପଦା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ସକାଳ ୭ଟାରୁ ଦିବା ୧୦ଟା ପର୍ଯ୍ୟନ୍ତ ଶୁଣାଣି ହେବ। ସେହିପରି ଦ୍ୱିତୀୟ ସୋମବାର ୧୪ ତାରିଖ ସରକାରୀ ଛୁଟି ଦିବସ ଥିବାରୁ ତା' ପର ଦିନ ଅର୍ଥାତ ତୃତୀୟ ମଙ୍ଗଳବାର ୧୫ ତାରିଖ ବାମନଘାଟି ଉପଖଣ୍ଡ ପାଇଁ ବାମନଘାଟି ଉପଜିଲ୍ଲାପାଳଙ୍କ ରାଇରଙ୍ଗପୁର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସକାଳ ୭ଟାରୁ ଦିବା ୧୦ ଘଟିକା ସମୟ ପର୍ଯ୍ୟନ୍ତ ଶୁଣାଣି ହେବ। ସେହିପରି ତୃତୀୟ ସୋମବାର ୨୧ତାରିଖ ପଞ୍ଚପିଢ଼ ଉପଖଣ୍ଡ ପାଇଁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସକାଳ ୭ଘଟିକାରୁ ଦିବା ୧୦ ଘଟିକା ପର୍ଯ୍ୟନ୍ତ ଶୁଣାଣି ହେବ। ସେହିପରି ଚତୁର୍ଥ ସୋମବାର ୨୮ ତାରିଖ କପ୍ତିପଦା ଉପଖଣ୍ଡ ପାଇଁ କପ୍ତିପଦା ଉପଜିଲ୍ଲାପାଳଙ୍କ ଉଦଳା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସକାଳ ୭ଘଟିକା ଠାରୁ ଦିବା ୧୦ ଘଟିକା ସମୟ ପର୍ଯ୍ୟନ୍ତ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ। ବାରିପଦାଠାରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ଲାଇନ ବିଭାଗ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ବିଡିଓ, ତହସିଲଦାର ଓ ସିଡିପିଓଙ୍କ ଉପସ୍ଥିତି ଏବଂ ଜିଲ୍ଲାର ଅନ୍ୟ ଉପଖଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ଜନ ଶୁଣାଣି ଶିବିରରେ ସମ୍ପୃକ୍ତ ଉପଖଣ୍ଡର ସମସ୍ତ ଉପଖଣ୍ଡ ସ୍ତରୀୟ ଅଧିକାରୀ, ଲାଇନ ବିଭାଗ ଅଧିକାରୀ, ସମସ୍ତ ବିଡିଓ, ତହସିଲଦାର ଓ ସିଡିପିଓଙ୍କ ଉପସ୍ଥିତିରେ ସାଧାରଣ ଜନତାଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ସମ୍ପୃକ୍ତ ଉପଖଣ୍ଡ ଅଞ୍ଚଳର ଜନସାଧାରଣ ନିଜର ସମସ୍ୟା ସମ୍ପର୍କିତ ଅଭିଯୋଗ ଉପସ୍ଥିତ ରହି ଜଣାଇପାରିବେ।

## ୭ ବର୍ଷ ପରେ ହଜିଲା ଝିଅକୁ ଫେରି ପାଇଲେ ପରିବାର



**ବାରିପଦା, ୨୯ ।୩(ସମିସ):** ମୟୂରଭଞ୍ଜ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ସହାୟତାରେ ୭ ବର୍ଷ ପରେ ହଜିଲା ଝିଅକୁ ଫେରି ପାଇଛନ୍ତି ପରିବାର। ଗତ ୨୦୧୮ ମସିହାରେ ଝରାଡିହି ପୁଲିସ ଏକ ଝିଅକୁ ଉଦ୍ଧାର କରି ଚାଇଲଡ ଲାଇନ ସବସେଣ୍ଟରକୁ ହସ୍ତାନ୍ତର କରିଥିଲେ। ଚାଇଲଡ ଲାଇନ ତରଫରୁ ଝିଅଟିକୁ ଜିଲ୍ଲା ଶିଶୁ ମଙ୍ଗଳ ସମିତିରେ ଉପସ୍ଥାପନ କରାଯାଇ ତାକୁ ବାରିପଦାର ଏକ ଶିଶୁ ଯତ୍ନ ଅନୁଷ୍ଠାନରେ ରଖାଗଲା। ସେତେବେଳକୁ ଝିଅର ବୟସ ୬ ବର୍ଷ ହୋଇଥିଲା ଏବଂ ନିକଟସ୍ଥ ବିଦ୍ୟାଳୟରେ ତାର ନାମ ଲେଖାଗଲା। ଏବେ ସେ ସପ୍ତମ ଶ୍ରେଣୀ ଯାଏ ପଢ଼ିଆସୁଥିଲା। ଝିଅର ନାମ ବେବି ପାତ୍ର। ସେ ଶିଶୁ ଯତ୍ନ ଅନୁଷ୍ଠାନରେ ରହିବା ଭିତରେ ଅନେକ ଥର ତା ସହିତ ଆଲୋଚନା କରିଥିଲେ ମଧ୍ୟ ସେ ତାର ସଠିକ ଠିକଣା କହି ପାରୁନଥିଲା। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଏବଂ ଶିଶୁ ମଙ୍ଗଳ ସମିତି ତତ୍ପର ହୋଇ ଗୁରୁବାର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ଏବଂ ଶିଶୁ ମଙ୍ଗଳ ସମିତିର ନିର୍ଦ୍ଦେଶ କ୍ରମେ ସୁରକ୍ଷା ଅଧିକାରୀ ମଧୁସୂଦନ ରଥ ଏବଂ ଚାଇଲଡ ହେଲ୍ପ ଲାଇନର ପରାମର୍ଶଦାତ୍ରୀ ରଶ୍ମିତା ପାଣି ବେବିକୁ ସାଙ୍ଗରେ ନେଇ ତା' ଘର ଝାଡଖଣ୍ଡର ଜାମସେଦପୁର ସହରରେ ପହଞ୍ଚିଥିଲେ। ନୂଆ ଘର, ନୂଆ ରାସ୍ତା ଦେଖି ସେ ବାଟବଣା ହୋଇଗଲା; ତଥାପି ହାର ନ ମାନି ସନ୍ଧାନ ଜାରି ରହିଥିଲା। ସେ କହୁଥିବା ସଂକେତକୁ ଆଧାର କରି ଅଧିକାରୀମାନେ ସ୍ଥାନୀୟ ଲୋକଙ୍କୁ ପଚାରି ପଚାରି ଶେଷରେ ଠିକଣା ଠାବ କରିଥିଲେ। ପ୍ରଥମେ ତାର ବଡ ଭାଇ କାମ କରୁଥିବା ସ୍ଥାନର ସନ୍ଧାନ ମିଳିଥିଲା। ପରେ ସମ୍ପୂର୍ଣ୍ଣ ଠିକଣା ମିଳିଥିଲା। ସେଠାରେ ମା'କୁ ପାଇ ବେବି ଆତ୍ମହାରା ହୋଇ ପଡ଼ିଥିଲା ଏବଂ ମା' ମଧ୍ୟ ଏତେଦିନ ପରେ ଝିଅକୁ ପାଇ ଖୁସିରେ ବିଭୋର ହୋଇପଡ଼ିଥିଲା।

## ୩୮୭ ଶ୍ରମିକଙ୍କୁ ୩.୨ କୋଟି ସହାୟତା ରାଶି ପ୍ରଦାନ

**ବାରିପଦା, ୨୩।୩(ସମିସ):** ଶ୍ରମ ବିଭାଗ ପକ୍ଷରୁ ବାରିପଦା ସ୍ଥିତ ପ୍ରଭାଗୀୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟରେ ଶନିବାର ୩୮୭ଜଣ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ନରେନ୍ଦ୍ର ଗାଇପାଇ, ସହକାରୀ ଶ୍ରମ ଅଧିକାରୀ ଦିଲ୍ଲୀପ ହାଁସଦା, ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ) ଚନ୍ଦନ ମାଝୀ ପ୍ରମୁଖ ଉପସ୍ଥିତ ରହି ୩୮୭ ଜଣ ଶ୍ରମିକଙ୍କୁ ୩ କୋଟି ୨ ଲକ୍ଷ ୪୧ ହଜାର ୨୦୦ ଟଙ୍କା ପ୍ରଦାନ କରିଛନ୍ତି। ଶିକ୍ଷା ସହକାରୀ କ୍ଷେତ୍ରରେ ୩୮ ଜଣ ହିତାଧିକାରୀଙ୍କୁ ୪ ଲକ୍ଷ ୧ ହଜାର ୨୦୦ଟଙ୍କା, ବିବାହ ସହାୟତା ବାବଦରେ ୧୩୫ଜଣ ହିତାଧିକାରୀଙ୍କୁ ୬୭ ଲକ୍ଷ, ମାତୃତ୍ୱ ସହାୟତାରେ ୪ ଜଣ ହିତାଧିକାରୀଙ୍କୁ ୪୦ ହଜାର, ମୃତ୍ୟୁକାଳୀନ ସହାୟତାରେ ୧୧୦ ହିତାଧିକାରୀଙ୍କୁ ୨ କୋଟି ୨୬ ଲକ୍ଷ, ଶେଷକୃତ୍ୟ ସହାୟତାରେ ୧୦୦ ଜଣ ହିତାଧିକାରୀଙ୍କୁ ୫୦ ହଜାର ଲେଖାଏଁ ୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ସମସ୍ତ ହିତାଧିକାରୀଙ୍କୁ ସହାୟତା ରାଶିର ବ୍ୟାଙ୍କ ଚେକ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ପରିଚାଳନାରେ ବିରଞ୍ଚି ସେଠୀ, ସୁଧାଂଶୁ ଶେଖର ପଣ୍ଡା, ଚନ୍ଦନ ମିଶ୍ର, କେଶବ ଚନ୍ଦ୍ର ସାହୁ ସହଯୋଗ କରିଥିଲେ।



## ବିଶ୍ୱବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର

**ବାରିପଦା ୨୯ ।୩(ସମିସ):** ବାରିପଦା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଏକ ଦୁଇ ଦିବସୀୟ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। 'ଫ୍ରଣ୍ଟିୟରସ୍ ଇନ୍ କେମିକାଲ୍ ସାଇନ୍ସ' ଶୀର୍ଷକ ଏହି ଆଲୋଚନାଚକ୍ରକୁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶିକ୍ଷକ ଓ ଗବେଷକଙ୍କ ମାନସିକ ପରିବର୍ତ୍ତନ ଦ୍ୱାରା ନୂତନ ଗବେଷଣାକୁ ଆଗକୁ ନେବା ଉପରେ ସେ ପ୍ରାଧାନ୍ୟ ଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଆଇଜରର ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଗାଙ୍ଗୁଲି ମୁଖ୍ୟଅତିଥି ରୂପେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କ ସହିତ ମତ ବିନିମୟ କରି ନିଜକୁ ବିକଶିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ନାନୋ ସାଇନ୍ସ ଆଣ୍ଡ ନାନୋ ଟେକ୍ନୋଲଜିର ନିର୍ଦ୍ଦେଶକ ପ୍ରଫେସର କୁଳମଣି ପରିଡ଼ା ଯୋଗଦାନ କରି ଗବେଷଣାତ୍ମକ ରଚନାରେ ନିଜକୁ ବ୍ରତୀ କରିବାଦ୍ୱାରା ବୈଜ୍ଞାନିକ ଓ ଶିକ୍ଷକ ଜୀବନରେ ଶେଷ ସମୟ ପର୍ଯ୍ୟନ୍ତ ସୁସ୍ଥ ଓ ନିରାମୟ ରହିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଉପଲକ୍ଷେ ବୟୋଜ୍ୟେଷ୍ଠ ରସାୟନବିତ୍ ତଥା ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ତଥା ଆଇଆଇଟି ଖଡଗପୁରର ଅବସରପ୍ରାପ୍ତ ପ୍ରଫେସର ବଳରାମ ସାହୁଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ର ଓ ଶିକ୍ଷକ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିବା ସଙ୍ଗେ ସଙ୍ଗେ ସମାଜରେ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ପାଇଁ ଆହ୍ୱାନ କରିଥିଲେ। ଆବାହକ ବିଭାଗୀୟ ପ୍ରଫେସର ପ୍ରମୋଦ କୁମାର ଶତପଥୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ସହ-ଆବାହକ ବିଭାଗୀୟ ପ୍ରଫେସର ରାଜେଶ କୁମାର ସିଂହ ଆଲୋଚନାଚକ୍ରର ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ଡ. ଲିଙ୍ଗରାଜ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ନିଗମାନନ୍ଦ ଦାସ ମୁଖ୍ୟ ଅତିଥି ଭାବେ ଏବଂ ଭିଏସ୍ଏସ୍‌ୟୁଟି ବୁର୍ଲାର ପ୍ରଫେସର ଏସ କେ ସ୍ୱାଇଁ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଏସ୍.କେ. ବବମାଳୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇସିଏସ୍ କୋଲକାତାର ପ୍ରଫେସର ଏନ୍. ପ୍ରଧାନ, ଏନ୍‌ଆଇଟି ରାଉରକେଲାର ପ୍ରଫେସର ଏନ୍. ପଣ୍ଡା, ଆଇଆଇଟି ହାଇଦରାବାଦର ପ୍ରଫେସର ଏସ୍.କେ. ମାର୍ଥା, ନାଇଜର ଭୁବନେଶ୍ୱରର ପ୍ରଫେସର ଜେ.ଏନ୍ ବେହେରା, ଆଇଆଇଟି ଭୁବନେଶ୍ୱରର ପ୍ରଫେସର ୟୁ.ପି. ଓଝା, ଆଇଆଇଟି ଖଡଗପୁରର ପ୍ରଫେସର ଏ ରାଜାକୁମାର, ପ୍ରଫେସର ଏନ.ଡି ପ୍ରଦୀପ ସିଂହ, ସିଏସ୍‌ଆଇଆର ଏନ୍‌ଏମ୍‌ଏଲ୍ ଜାମସେଦପୁରର ଡ. ତ୍ରିଲୋଚନ ମିଶ୍ର, କେଇସି ଭୁବନେଶ୍ୱରର ଡ ପି. ମହାପାତ୍ର, ଆଇଜର ବ୍ରହ୍ମପୁରର ଡ. ପ୍ରସେନଜିତ ଦା, ଡ. ଏ.ଏନ୍ ଦୋଝ, ସିଭି ରମଣ ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟର ଡ. ପି.କେ ମହାପାତ୍ର, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଡ. ସ୍ୱାଗତିକା ସାହୁ, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଡ. ବି ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ।



ପ୍ରଫେସର ବଳରାମ ସାହୁ ସମ୍ବର୍ଦ୍ଧିତ

## ସହରରେ ପୁଣି ମାତିଲେ ଛିନ୍‌ତାଇ ଗ୍ୟାଙ୍ଗ; ମହିଳାଙ୍କ ବେକରୁ ଚେନ୍ ଲୁଟ୍

**ବାରିପଦା, ୨୯ ।୩(ସମିସ):** କିଛି ଦିନର ବ୍ୟବଧାନ ପରେ ବାରିପଦା ସହରରେ ପୁଣି ଛିନତାଇ ଗ୍ୟାଙ୍ଗ ସକ୍ରିୟ ହୋଇଛନ୍ତି। ଦିନ ଦ୍ୱିପ୍ରହରରେ ସର୍ବସାଧାରଣ ସ୍ଥାନରୁ ଜଣେ ମହିଳାଙ୍କ ବେକରୁ ସୁନାହାର ଛିନତାଇ କରି ପୁଲିସକୁ ଚ୍ୟାଲେଞ୍ଜ ଦେଇଛନ୍ତି ଉକ୍ତ ଗ୍ୟାଙ୍ଗ। ଏ ନେଇ ରାଜ୍ୟ ଖାଦ୍ୟ ଯୋଗାଣ ନିଗମ କାର୍ଯ୍ୟାଳୟର କର୍ମଚାରୀ ରଞ୍ଜିତା ସିଂ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଓ ତାଙ୍କ ସହଯୋଗୀ ପୂର୍ବାହ୍ନ ୨ଟା ବେଳେ କାର୍ଯ୍ୟାଳୟରୁ ପୌରପାଳିକା ଗେଷ୍ଟହାଉସ ପଟକୁ ଯାଉଥିଲେ। ଉକ୍ତ ସମୟରେ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କ ବେକରୁ ସୁନାହାର ଲୁଟ୍‌କରି ଚମ୍ପଟ ମାରିଥିଲେ। ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଉଭୟ ଦୁର୍ବୃତ୍ତ ହେଲମେଟ ପିନ୍ଧି ମୁହଁ ଢାଙ୍କି ରଖିଥିବାରୁ ସେ ତାଙ୍କୁ ଠିକଭାବେ ଚିହ୍ନିପାରି ନ ଥିଲେ। ପରେ ସେ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

## ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲରେ ବିଦାୟକାଳୀନ ଉତ୍ସବ



**ବାରିପଦା, ୨୯ ।୩(ସମିସ):** ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲର ଯୁକ୍ତ ୨ କଳା, ବିଜ୍ଞାନ, ଓ ବାଣିଜ୍ୟ ବିଭାଗର ଶେଷ ବର୍ଷର ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ବିଦାୟକାଳୀନ ଉତ୍ସବ ଅଧ୍ୟକ୍ଷା ଦେବାଶ୍ରିତା ବିଶ୍ୱଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ବିଭିନ୍ନ କାର୍ଯ୍ୟରେ ଉତ୍ତୀର୍ଣ୍ଣ ହେବା ନିମନ୍ତେ ବର୍ତ୍ତମାନଠାରୁ ନିଜକୁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଡ଼. ଜ୍ଞାନରଞ୍ଜନ ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଜୀବନରେ ଆଗକୁ ବଢ଼ିବା ନିମନ୍ତେ ପ୍ରଥମେ ଲକ୍ଷ୍ୟ ସ୍ଥିର କରିବା ଏବଂ ଲକ୍ଷ୍ୟକୁ ହାସଲ କରିବା ନିମନ୍ତେ କଠିନ ପରିଶ୍ରମ ଦରକାର ବୋଲି ତାଙ୍କ ବକ୍ତବ୍ୟ ମାଧ୍ୟମରେ ଉପଦେଶ ଦେଇଥିଲେ। ଶିକ୍ଷୟିତ୍ରୀ ସୁଜାତା ପାଲ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ମୀରା ସେନାପତି ଧନ୍ୟବାଦ୍ ଅର୍ପଣ କରିଥିଲେ।

## ରାସ୍ତା କଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

**କୁଆମରା, ୨୯।୩(ସମିସ):** ଖୁଣ୍ଟା ଥାନା ଅନ୍ତର୍ଗତ ଘଣ୍ଟଶିଳା ଗ୍ରାମ ନିକଟ ରାସ୍ତା ପାର୍ଶ୍ୱରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଉଛନ୍ତି ନୀଳଗିରି ଥାନା ଅନ୍ତର୍ଗତ କୁଆନାଳୀ ଗ୍ରାମର ଦିବାକର ବିଶ୍ୱାଳ (୨୮)। ସେ ଶୁକ୍ରବାର ବାରୁଣୀ ମେଳାକୁ ଆସି ଆଉ ଘରକୁ ଫେରି ନ ଥିଲେ। ସେ ଅସୁସ୍ଥତା ଅନୁଭବ କରିବାରୁ ଏକ ଗଛ ମୂଳେ ବିଶ୍ରାମ ନେଇଥିବା ଅନୁମାନ କରାଯାଉଛି। ସେଠାରେ ତାଙ୍କର ପ୍ରାଣବାୟୁ ଉଡି ଯାଇଛି। ଆଜି ବାରିପଦାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛିବୋଲି ଆଇଆଇସି ପଞ୍ଚାନନ ମହାନ୍ତି କହିଛନ୍ତି।

### ଅଂଶୁଘାତ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ସମୀକ୍ଷା ବୈଠକ

# ଜଳଛତ୍ର ଓ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲିବାକୁ ନିର୍ଦ୍ଦେଶ

ବାରିପଦା, ୨୯ ।୩(ସମିସ)



ଅଂଶୁଘାତ ମୁକାବିଲା ନିମନ୍ତେ ପ୍ରଶାସନ ପକ୍ଷରୁ ଏକ ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଅଧ୍ୟକ୍ଷ ହେମକାନ୍ତ ସଏ ଅଧ୍ୟକ୍ଷତା କରିଥିଲେ। ଗ୍ରୀଷ୍ମ ପ୍ରବାହରେ ଯେପରି ଜନ ଜୀବନ ପ୍ରଭାବିତ ନ ହୁଏ ସେଥିପାଇଁ ସ୍ୱାସ୍ଥ୍ୟସେବା, ପାନୀୟ ଜଳଯୋଗାଣ, ବିଦ୍ୟୁତ ଯୋଗାଣ, ଶ୍ରମ, ପରିବହନ, ପ୍ରାଣୀ ସମ୍ପଦ ଓ କୃଷି କ୍ଷେତ୍ରରେ ସତର୍କତା ଅବଲମ୍ବନ ଜରୁରୀ ବୋଲି ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହାକୁ କଡାକଡ଼ି ଭାବେ ଅନୁପାଳନ କରିବା ପାଇଁ ବିଭିନ୍ନ ବିଭାଗ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମାଞ୍ଚଳରୁ ସହରାଞ୍ଚଳ ଯାଏ ବିଭିନ୍ନ ସ୍ଥାନରେ ଅଧିକରୁ ଅଧିକ ଜଳଛତ୍ର ଖୋଲିବା ସହ ପର୍ଯ୍ୟାପ୍ତ ପରିମାଣରେ ଓଆରଏସ ପକେଟ ମହଜୁଦ ରଖିବା ସେ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ଜାତୀୟ ରାଜପଥ ଓ ରାଜପଥ ପାର୍ଶ୍ୱବର୍ତ୍ତୀ ସ୍ଥାନରେ ଜଳଛତ୍ର ଖୋଲିବା, ପର୍ଯ୍ୟାପ୍ତ ପରିମାଣର ଓଆରଏସ ପକେଟ ଓ ବରଫ ବାକ୍ସ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଜଳଛତ୍ର ସ୍ଥାନ ସମ୍ବନ୍ଧରେ ଜାଣିବା ପାଇଁ ଡ଼ ସାଇନ ବୋର୍ଡ ଓ ନିକଟବର୍ତ୍ତୀ ପିଏଚସି/ସିଏଚସି/ଏସଡିଏଚ/ଡିଡିଏଚର ଦୂରତା ସମ୍ବନ୍ଧିତ ସୂଚନା ସହିତ ଜରୁରୀ ନମ୍ବର ସମ୍ପର୍କରେ ସୂଚନା ଫଳକ ଲଗାଇବାକୁ ମଧ୍ୟ କୁହାଯାଇଛି। ଜିଲ୍ଲାର ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣ ଓଆରଏସ, ଫାଷ୍ଟଏଡ୍ ଓ ଜୀବନ ରକ୍ଷାକାରୀ ଔଷଧ ମହଜୁଦ ରଖିବା ସହିତ ଅଂଶୁଘାତ ପ୍ରକୋଷ୍ଠକୁ କାର୍ଯ୍ୟକ୍ଷମ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଜିଲ୍ଲାର ସ୍ୱାସ୍ଥ୍ୟ କେନ୍ଦ୍ର ଓ ସମସ୍ତ ସରକାରୀ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଗ୍ରାମାଞ୍ଚଳରେ ଜଳ ଯୋଗାଣ ବ୍ୟବସ୍ଥା ତଦାରଖ, ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ଯୋଗେ ପିଇବା ପାଣି, ଶ୍ରମିକଙ୍କୁ ଦିବା ୧୧ଟାରୁ ଅପରାହ୍ନ ୩ଟା ଯାଏ କୌଣସି କାର୍ଯ୍ୟରେ ନିୟୋଜିତ ନ କରିବା, ବସରେ ପାନୀୟ ଜଳ, ଓଆରଏସ ପକେଟ, ଆଇସ ବାକ୍ସ ଏବଂ ଆଶୁ ଚିକିତ୍ସା ସାମଗ୍ରୀ ମହଜୁଦ ରଖିବା, ଏସି ବସ ଚଳାଚଳ ଏବଂ ଖୋଲା ଗାଡ଼ିରେ ଯାତ୍ରୀ ପରିବହନ ତଥା ଓଭର ଲୋଡିଂ ରୋକିବା, ଗାଡି ଚାଳକଙ୍କ ବିଶ୍ରାମ ପାଇଁ ଜାତୀୟ ରାଜପଥ ପାର୍ଶ୍ୱରେ ଚାଳିଆ (ସେଡ) ନିର୍ମାଣ, ଆବଶ୍ୟକତା ନ ଥିଲେ ବିଦ୍ୟୁତ ନକାଟିବା, ବିଦ୍ୟୁତ କାଟ ପାଇଁ ପାନୀୟ ଜଳ ଯୋଗାଣରେ ବ୍ୟାଘାତ ସୃଷ୍ଟି ନ ହେବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ହାଟ, କୌଣସି ସଭା, ଶୋଭାଯାତ୍ରା ଆଦି ପାଇଁ ଅନୁମତି ନ ଦେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

> **ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ଟା ଯାଏ ସଭା, ଶୋଭାଯାତ୍ରା ଓ ଶ୍ରମିକ ନିୟୋଜନ ନିଷେଧ**

ସେହିପରି ଅଗ୍ନିକାଣ୍ଡକୁ ପ୍ରତିରୋଧ କରିବା ଦିଗରେ ସମ୍ପୃକ୍ତ ଅଧିକାରୀଙ୍କୁ ସମସ୍ତ ଆନୁଷଙ୍ଗିକ ଅଗ୍ନି ନିର୍ବାପକ ଉପକରଣ ପ୍ରସ୍ତୁତ ରଖିବା ସହିତ ବଡ ବଡ ହୋଟେଲ, ମଲ ଆଦିରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଯାଞ୍ଚ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ରହିଛି। ଆବଶ୍ୟକ ନ ଥିଲେ ଖରାରେ ବାହାରକୁ ନ ବାହାରିବା, ଜରୁରୀ ଥିଲେ ପ୍ରଚୁର ପରିମାଣ ପାଣି ସାଥୀରେ ନେବା, ଘୋଳ ଦହି, ଲେମ୍ବୁ ପାଣି ଇତ୍ୟାଦି ପିଇବା, ଛତା, କଳା ଚଷମା, ଟୋପି ବ୍ୟବହାର କରିବା ଇତ୍ୟାଦି ବିଷୟରେ ଜନସାଧାରଣଙ୍କୁ ନିୟମିତ ବ୍ୟବଧାନରେ ଡାକବାଜି ଯନ୍ତ୍ର ଯୋଗେ ସଚେତନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ ବ୍ୟତୀତ ବଜ୍ରପାତ ଆଶଙ୍କା ସମୟରେ ବାହାରକୁ ନବାହାରିବା ପାଇଁ ସଚେତନ କରିବା ଓ ଅଂଶୁଘାତ ଲକ୍ଷଣ ଦେଖା ଦେଲେ ତୁରନ୍ତ ଚିକିତ୍ସିତ ହେବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ଗୃହପାଳିତ ପଶୁଙ୍କୁ ଖରାରେ ନ ଛାଡିବା ତଥା ଅନ୍ୟାନ୍ୟ ପଶୁପକ୍ଷୀଙ୍କ ପାଇଁ ପିଇବା ପାଣି ରଖିବା ପାଇଁ ପରାମର୍ଶ ଦେଇଛନ୍ତି। ସମସ୍ତ ଅଙ୍ଗନବାଡି କେନ୍ଦ୍ର ଓ ସକାଳୁଆ ସ୍କୁଲ ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଜାରି ହୋଇଥିବା ନିର୍ଦ୍ଦେଶନାମାର ଉପଯୁକ୍ତ କାର୍ଯ୍ୟକାରିତା ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପରାମର୍ଶ ଦିଆଯାଇଛି।

ସେହିପରି ଜନ ଶୁଣାଣି ଦିନ ସେଡ୍, ଥଣ୍ଡା ପିଇବା ପାଣି, ଓଆରଏସ, ଫାଷ୍ଟଏଡ୍ ବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ନେତ୍ରାନନ୍ଦ ମଲ୍ଲିକ ଓ ଈଶ୍ୱରଚନ୍ଦ୍ର ନାଏକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, ଧର୍ମାନନ୍ଦ ବେହେରା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼କ୍ଟର ପ୍ରଭାତ କୁମାର ବେହେରା, ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ବିଜୟ କୁମାର ଦାଶ, ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡ଼ା, ଏପିଡି ଶାନ୍ତନୁ କୁମାର ନାୟକ, ଜିଲ୍ଲା ଜରୁରୀ ବିଭାଗ ଡେପୁଟି କଲେକ୍ଟର ଶ୍ରଦ୍ଧା ସୁମନଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ, ଉପଖଣ୍ଡର ଉପଜିଲ୍ଲାପାଳ, ବିଡିଓ, ତହସିଲଦାର, ପୌରପାଳିକା /ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ, ସିଡିପିଓ ଓ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଆଭାସୀ ମାଧ୍ୟମରେ ସାମିଲ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ରବି ଧାନ ବିକ୍ରି ନେଇ ସରକାରଙ୍କ ଅଜବ ନିୟମ

# ଉଠାସେଚ ବିଦ୍ୟୁତ୍ ବିଲ ଦେଖାଇଲେ ହେବ ପଞ୍ଜୀକରଣ

ବେତନଟୀ, ୨୯ ।୩(ସମିସ): ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ମାତ୍ରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟରେ ବୃଦ୍ଧି ସାଙ୍ଗକୁ ଇନପୁଟ ସବସିଡି ସହାୟତା ରାଶି ପ୍ରଦାନ କରାଯାଇଛି । ବର୍ତ୍ତମାନ ଧାନର ସରକାରୀ ମୂଲ୍ୟ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କାରେ ପହଞ୍ଚିଛି । ତେବେ ଧାନ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କାରେ ପହଞ୍ଚିବା ପରେ ବର୍ତ୍ତମାନ ଖରାଟିଆ

**■ ବାଦ ପଡ଼ିବେ ନଦୀ, ନାଳ, ପୋଖରୀରୁ ପାଣି ମଡାଇଥିବା ଚାଷୀ**

ଧାନଚାଷ (ରବିଧାନ)କୁ ନେଇ ଚାଷୀଙ୍କ ମଧ୍ୟରେ ବେଶ୍ ଆଗ୍ରହ ଦେଖିବାକୁ ମିଳିଛି । ମାତ୍ର ଖରାଟିଆ (ରବିଧାନ) ଚାଷ କରୁଥିବା ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ସରକାରଙ୍କ ପକ୍ଷରୁ ଯେଉଁ ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଛି ସେଥିରେ ଅଧିକାଂଶ ଚାଷୀ ବର୍ତ୍ତମାନ ପ୍ରକ୍ରିୟାରୁ ବାଦ ପଡ଼ିବେ । ସରକାରଙ୍କ ନିର୍ଦ୍ଦେଶ ମୁତାବକ ରବିଧାନ (ଖରାଟିଆ) ଚାଷ କରୁଥିବା ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ



ଅନଲାଇନ ପଞ୍ଜୀକରଣ ସମୟରେ ଉଠାସେଚ ପ୍ରକଳ୍ପର ବିଦ୍ୟୁତ ବିଲର ଉପଭୋକ୍ତା ନମ୍ବର ନଚେତ କୃଷିଭିତ୍ତିକ ବୋରୱେଲ ସହିତ ଜଡିତ ବିଦ୍ୟୁତ ସଂଯୋଗର ଉପଭୋକ୍ତା ନମ୍ବର ନଚେତ ବିଭିନ୍ନ କେନାଲରୁ ପାଣି ମଡାଇ ଯଦି ଚାଷ କରିଥାନ୍ତି ତାହେଲେ କ୍ଷୁଦ୍ର ଜଳସେଚନ ବିଭାଗର ଅଧିକାରୀଙ୍କ ଚିଠି ଦାଖଲ କଲେ ହିଁ ଖରାଟିଆ ଧାନ ଚାଷୀ ମଣ୍ଡିରେ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିପାରିବ; ନଚେତ ଯଦି ଧାନ କୁଇଣ୍ଟାଲ ପିଛା ୩୧ଶହ ଟଙ୍କାରେ ବିକ୍ରି କରିବା ଆଶାରେ କୌଣସି ଚାଷୀ ନଦୀ, ନାଳ କିମ୍ବା ଗଡ଼ିଆ, ପୋଖରୀ ଭଳି ଜଳାଶୟରୁ ପାଣିମଡାଇ ଚାଷ କରିଥିବେ ତା'ହେଲେ ସମ୍ପୃକ୍ତ ଚାଷୀ କୌଣସି ପ୍ରକାରେ ନିଜର ନାମ ଅନଲାଇନ ପ୍ରକ୍ରିୟାରେ ପଞ୍ଜୀକରଣ କରିପାରିବନାହିଁ । ଫଳରେ ସରକାରଙ୍କ ଏଭଳି ଅଜବ ନିୟମ ବାବଦରେ ଅଞ୍ଚ ବେତନଟୀ ବ୍ଲକର ଏକାଧିକ ଚାଷୀ କୁଇଣ୍ଟାଲ ପିଛା ୩୧ଶହ ଟଙ୍କାରେ ଧାନ ବିକ୍ରି କରିବା ଆଶାରେ ଚାଷ କରି ଏବେ ହତାଶ ହୋଇପଡ଼ିଛି । ତେବେ ମଣ୍ଡିରେ ଧାନବିକ୍ରି ପାଇଁ ସରକାରଙ୍କ ପକ୍ଷରୁ ସତ୍ୟାସତ୍ୟ ଯାଞ୍ଚ କରିବାକୁ ସମ୍ପୃକ୍ତ ଜମିର ସାଟେଲାଇଟ ସର୍ଭେ କରାଯାଉଛି । ଚାଷୀ ପ୍ରକୃତରେ ଚାଷ କରିଛି କି ନାହିଁ ପ୍ରମାଣ ମିଳିଯାଉଛି । ଏପଟେ ଖରାଟିଆ ଧାନଚାଷ ସମୟରେ ପାଣି ମଡାଇବା ପାଇଁ ବ୍ୟବହୃତ ବିଦ୍ୟୁତ ସଂଯୋଗର ଉପଭୋକ୍ତା କ୍ରମିକ ନମ୍ବର ଦାଖଲକୁ ବାଧ୍ୟତାମୂଳ କରାଯାଇଛି । ଖରାଟିଆ ଧାନଚାଷକୁ ନେଇ ସରକାରଙ୍କ ଏଭଳି ଅଜବ ନିୟମ ପାଇଁ ବର୍ତ୍ତମାନ ବେତନଟୀ ବ୍ଲକର ଏକାଧିକ ଚାଷୀ ନିଜର ନାମ ପଞ୍ଜୀକରଣ କରାଇବାରୁ ବାଦ୍ ପଡ଼ିଛନ୍ତି; ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବଢ଼ିବାରେ ଲାଗିଛି । ଏନେଇ ମୟୂରଭଞ୍ଜ ଜିଲ୍ଲା ଡିଆରସିଏସ କୃଷ୍ଣଚନ୍ଦ୍ର ଦାଶଙ୍କୁ ଯୋଗାଯୋଗ କରିବାରୁ ସରକାରୀ ନିର୍ଦ୍ଦେଶାବଳୀ ମୁତାବକ ଖରାଟିଆ ଧାନଚାଷ କରିଥିବା ଚାଷୀଙ୍କ ନାମ ଅନଲାଇନ ପଞ୍ଜୀକରଣ କରାଯାଇଥିବା କହିଛନ୍ତି ।

## ନାବାଳିକା ଅପହରଣ ଅଭିଯୋଗ

ବଡ଼ସାହି, ୨୯ ।୩(ସମିସ): ବଡ଼ସାହି ଥାନା ଅଧୀନ ହାତିବନ୍ଧା ଅଞ୍ଚଳର ଜଣେ ନାବାଳିକାକୁ କେହି ଅପହରଣ କରି ନେଇ ଥିବା ତାଙ୍କ ପରିବାର ପକ୍ଷରୁ ବଡସାହି ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି ।

## ମେଗା କ୍ୟାମ୍ପରୁ ଚୋରି ଅଭିଯୋଗ

ବଡ଼ସାହି, ୨୯ ।୩(ସମିସ): ବଡ଼ସାହି ବ୍ଲକ ଅଧୀନ ବୀରେଶ୍ୱରପୁର ପଞ୍ଚାୟତରେ ମେଗା ଇନଫ୍ରାଷ୍ଟ୍ରକଚର କାମ ଚାଲିଛି । ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ କ୍ୟାମ୍ପରେ ପଶି ରାତି ଜଗୁଆଳିକୁ ଧମକ ଦେଇ ବିଭିନ୍ନ ସରଞ୍ଜାମ ଚୋରି କରି ନେଇଥିବା ଅଭିଯୋଗ ହୋଇଛି । ଏ ନେଇ କଂପାନୀର ଇଞ୍ଜିନିୟର ବିଷ୍ଣୁପ୍ରସାଦ ଷଡ଼ଙ୍ଗୀ ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ତଦନ୍ତ ଚଳାଇଛି ।

## ଚମକପୁର ସଂରକ୍ଷିତ ଜଙ୍ଗଲରେ ନିଆଁ

ଠାକୁରମୁଣ୍ଡା, ୨୯।୩ (ସମିସ): ଠାକୁରମୁଣ୍ଡା ବନାଞ୍ଚଳ ଅନ୍ତର୍ଗତ ଚମକପୁର ସଂରକ୍ଷିତ ଜଙ୍ଗଲରେ ଲାଗିଥିବା ନିଆଁକୁ ଅଗ୍ନିଶମ ବାହିନୀ ଓ ବନ କର୍ମଚାରୀ ଆୟତ୍ତ କରିଛନ୍ତି । ଶୁକ୍ରବାର କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେବାରୁ ଜଙ୍ଗଲକୁ ବ୍ୟାପୀ ଯାଇଥିଲା । ପରେ ଠାକୁରମୁଣ୍ଡା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଏଥିରେ ଚମକପୁର ସ୍ୱୟଂ ସାହାୟକ ଗୋଷ୍ଠୀର ମହିଳାମାନେ ସହଯୋଗ କରିଥିଲେ । ନିଆଁ ଲାଗିବା ଫଳରେ ଏକର ଏକର ଜଙ୍ଗଲ ପୋଡିଯାଇଛି । ଦୁଇ ଦିନ ତଳେ ନିଆଁ ଯୋଗୁଁ ଚମକପୁର ଆଶ୍ରମ ପଛପଟ ଗ୍ରାମ୍ୟ ଜଙ୍ଗଲର ବ୍ୟାପକ ଅଞ୍ଚଳ ପୋଡିଯାଇଛି ।

**ରଘୁପୁର ପଞ୍ଚାୟତ ସରପଞ୍ଚଙ୍କ ପଦ ଅସିଦ୍ଧ କରିବା ଘଟଣା**

# ଏପ୍ରିଲ ୨୨ରେ ଅନାସ୍ଥା ଭୋଟ

ବୈଶିଙ୍ଗା, ୨୯ ।୩(ସମିସ): ବେତନଟୀ ବ୍ଲକ ରଘୁପୁର ପଞ୍ଚାୟତର ସରପଞ୍ଚ ବତୀ ସିଂଙ୍କ ବିରୋଧରେ ପଞ୍ଚାୟତର ଅର୍ଦ୍ଧାଧିକ ୱାର୍ଡସଭ୍ୟ/ସଭ୍ୟା ଜିଲ୍ଲାପାଳଙ୍କୁ ଫେରାଦ ହୋଇଥିଲେ । ଆସନ୍ତା ଏପ୍ରିଲ ୨୨ରେ ପଞ୍ଚାୟତ କାର୍ଯ୍ୟାଳୟରେ ଅନାସ୍ଥା ଭୋଟ ନେଇ ନୋଟିସ ଜାରି କଲେ ମୟୂରଭଞ୍ଜ ଉପଜିଲ୍ଲାପାଳ । ଅଭିଯୋଗ ମୁତାବକ, ଅର୍ଦ୍ଧାଧିକ ୱାର୍ଡସଭ୍ୟ ସରପଞ୍ଚ ବତୀ ସିଂ ନିଜ କ୍ଷମତାର ଅପବ୍ୟବହାର ପୂର୍ବକ ସରକାରୀ ଅର୍ଥ ହେରଫେର ତଥା କାମ ନ କରି ମିଥ୍ୟାବିଲ ଦାଖଲକରି ଲକ୍ଷାଧିକ ଟଙ୍କା ଆତ୍ମସାତ କରିଥିବା ନେଇ ଜିଲ୍ଲାପାଳ, ବିଡିଓଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରି ତଦନ୍ତ ପୂର୍ବକ ସରପଞ୍ଚ ପଦବୀକୁ ଅସିଦ୍ଧ ଘୋଷଣା ପାଇଁ ଦାବି ଜଣାଇଥିଲେ । ଶେଷରେ ମୟୂରଭଞ୍ଜ ଉପଜିଲ୍ଲାପଳ ଦୟାସିନ୍ଧୁ ପରିଡ଼ା ଏପ୍ରିଲ ୨୨ତାରିଖ ପୂର୍ବାହ୍ନ ୧୧ଟାରେ ପଞ୍ଚାୟତରେ ଏକ ସ୍ୱତନ୍ତ୍ର ବୈଠକର ଆୟୋଜନ ନେଇ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ରଘୁପୁର ପଞ୍ଚାୟତର ସରପଞ୍ଚ, ନାଏବ ସରପଞ୍ଚଙ୍କ ସମେତ ସମସ୍ତ ୱାର୍ଡସଭ୍ୟ/ସଭ୍ୟା ଉପସ୍ଥିତ ରହିବାକୁ ଉଲ୍ଲେଖ କରାଯାଇଛି । ସେହିଭଳି ବୈଠକରେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥାଭୋଟ ପ୍ରଦାନର ବ୍ୟବସ୍ଥା କରାଯାଇଛି । ସ୍ୱତନ୍ତ୍ର ବୈଠକରେ ଅନାସ୍ଥା ଭୋଟ ପ୍ରକ୍ରିୟା ପରିଚାଳନା ନିମନ୍ତେ ବାରିପଦା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ଅଧିକାରୀ ଭାବେ ମୟୂରଭଞ୍ଜ ଉପଜିଲ୍ଲାପାଳ ଶ୍ରୀ ପରିଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି । ଫଳରେ ଏବେ ପଞ୍ଚାୟତରେ ରାଜନୈତିକ ସରଗରମ ହେବାରେ ଲାଗିଛି ।

**ରାସ୍ତାକଡ଼ରେ ବେଆଇନ ବାଲିର ପାହାଡ଼; ଜବତ କରିବାକୁ ସାହସ ନାହିଁ**

# ଚଢ଼ଉ କଲେ ବି ସାବାଡ଼ ହେଉନାହାନ୍ତି ମାଫିଆ

ବେତନଟୀ/ବୈଶିଙ୍ଗା, ୨୯ ।୩(ସମିସ): ବେଆଇନ ବାଲି ଉତ୍ତୋଳନ ଓ ଚୋରା ଚାଲାଣ ରୋକିବା ପାଇଁ ରାଜ୍ୟରେ ପୁଲିସ ପ୍ରଶାସନ ପକ୍ଷରୁ ଚଢଉ ଜାରି ରହିଛି; ହେଲେ ବେତନଟୀ ଅଞ୍ଚଳରେ ପୁଲିସ -ବାଲିମାଫିଆ ଭିତରେ ଛକାପଞ୍ଝା ଲାଗି ରହିଛି । ଜିଲ୍ଲା ପୁଲିସ ପକ୍ଷରୁ ଧରପଗଡ଼ ଜାରି ରହିଥିବା ବେଳେ ଅଧିକାଂଶ ଦିନ ଚଢଉକରି



**■ ରାତାରାତି ଗାଏବ ହୋଇଯାଉଛି ଗଚ୍ଛିତ ବାଲି**

ଚୋରାବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଉଛି ; ତଥାପି ବାଲି ମାଫିଆଙ୍କୁ ସାବାଡ କରିବାରେ ପୁଲିସ ବିଫଳ ହୋଇଛି । ମେର୍ଦାଠାରେ ରାସ୍ତା ପାର୍ଶ୍ୱରେ ଖୋଲାଖୋଲି ବାଲିର ପାହାଡ ତିଆରି କରାଯାଇଛି । ରାତି ପାହିବା ପୂର୍ବରୁ ରାତାରାତି ଏହି ମନୁଷ୍ୟକୃତ ବାଲିର ପାହାଡ ଗାଏବ ହୋଇଯାଉଛି । ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ଓ ପରିବହନ ଦାୟିତ୍ୱ ରାଜସ୍ୱ (ତହସିଲ) ବିଭାଗ ଠାରୁ ପ୍ରତ୍ୟାହାର କରି ଇସ୍ପାତ ଓ ଖଣି ବିଭାଗକୁ ଦିଆଯିବାପରେ ଚୋରା ବାଲି ଉତ୍ତୋଳନ ଓ ଚାଲାଣ ଅଣାୟତ୍ତ ହୋଇପଡ଼ିଛି । ଜିଲ୍ଲା ମୁଖ୍ୟାଳୟରେ ଜଣେ ମାତ୍ର ଖଣି ଅଧିକାରୀ ରହିଛନ୍ତି । ଫଳରେ ବେଆଇନ ବାଲିର ପାହାଡ ଜବତ କରିବା କିମ୍ବା ନିଲାମ କରିବା ସମ୍ଭବପର ହୋଇପାରୁନାହିଁ । ଏପଟେ ଚୋରା ବାଲି ଚାଲାଣ ସମୟରେ ଗାଡି ଜବତ କରିବାର କ୍ଷମତା ପୁଲିସ ନିକଟରେ ରହିଛି; କିନ୍ତୁ ରାସ୍ତା ପାର୍ଶ୍ୱରେ ବେଆଇନ ଭାବରେ ଗଚ୍ଛିତ ରଖାଯାଇଥିବା ବାଲିର ପାହାଡ ଜବତ କିରବା ପୁଲିସ କ୍ଷମତା ବାହାରେ । ଏହାର ସୁଯୋଗ ନେଇ ବାଲିମାଫିଆ ସ୍ପଷ୍ଟ ଦିବାଲୋକରେ ବାଉଁଶ ନଦୀରୁ ବେଆଇନ ବାଲି ଉତ୍ତୋଳନ କରିବାରେ ଲାଗିଛନ୍ତି । ବର୍ତ୍ତମାନ ମୟୂରଭଞ୍ଜ ଜିଲ୍ଲାରେ ପୁଲିସ-ବାଲିମାଫିଆ ଛକାପଞ୍ଝା ଏକ ରୋଚକ ମୋଡ ନେଇଥିଲେ ହେଁ ତଥାପି ବୋଲ ମାନୁନାହାନ୍ତି ମାଫିଆ । ଏଭଳି ମନୁଷ୍ୟକୃତ ବାଲିର ପାହାଡ ଜିଲ୍ଲା ପ୍ରଶାସନ ସମେତ ପୁଲିସ ଓ ମାଇନିଂ ବିଭାଗ ପାଇଁ ଏକ ଖୋଲା ଚାଲେଞ୍ଜ ସୃଷ୍ଟି କରିଛି ।

## ସାନ୍ତାଳୀ ଭାଷାରେ ରେଳଷ୍ଟେସନର ନାମକରଣ ଦାବି

ବିଶୋଇ, ୨୯ ।୩ (ସମିସ) : ସାନ୍ତାଳୀ ଭାଷାଭାଷୀ ପ୍ରବଣ ଅଞ୍ଚଳରେ ମାନଙ୍କରେ ଥିବା ରେଳଷ୍ଟେସନଗୁଡିକର ନାମକରଣ ଅଲଚିକି ଲିପି ତଥା ସାନ୍ତାଳୀ ଭାଷାରେ କରିବା ପାଇଁ ମୟୂରଭଞ୍ଜ ପ୍ରାକ୍ତନ ସାଂସଦ ଇଂ ରାମଚନ୍ଦ୍ର ହାଁସଦା ରେଳବିଭାଗ ନିକଟରେ ଦାବି କରିଛନ୍ତି । ଏନେଇ ଇଂ ହାଁସଦା ଦକ୍ଷିଣ-ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜରଙ୍କୁ ଭେଟି ଆଲୋଚନା କରିବା ସହିତ ଏକ ଦାବିପତ୍ର ଦେଇଛନ୍ତି । ଅଲଚିକି ଲିପି ସୃଷ୍ଟିର ୧୦୦ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଛି । ଏହିଅବସରରେ ସାନ୍ତାଳୀ ଭାଷାଭାଷୀ ପ୍ରବଣ ଅଞ୍ଚଳବାସୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ରେଳ ଷ୍ଟେସନ ର ନାମକରଣ ଅଲଚିକି ଲିପିରେ ହେବା ପାଇଁ ସେ ଦାବି କରିଛନ୍ତି । ତେଣୁ ରେଳବାଇ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି ।

## ଶୋଭାନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ



କରଞ୍ଜିଆ, ୨୯।୩(ସମିସ): କରଞ୍ଜିଆ ଏନ୍ଏସି ୧୫ ନମ୍ବର ୱାର୍ଡରେ ଥିବା ଶୋଭାନୀୟ ଶିକ୍ଷାଶ୍ରମର ୨୧ତମ ବାର୍ଷିକ ଉତ୍ସବ କଟକ ବିଡାନାସୀ ରେବାଦେବୀ ଶିକ୍ଷାଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ଡ. ବନଲତା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତ, ମୁଖ୍ୟ ବକ୍ତା ଭାବେ କରଞ୍ଜିଆ ଗୋଷ୍ଠୀ ଶିକ୍ଷାଧିକାରୀ ତରୁ ନାଏକ, ସମ୍ମାନିତ ଅତିଥିଭବେ ଡୁମୁରିଆ ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ଝରିଆଲ, ସମ୍ମାନିତ ବକ୍ତା ଭାବେ ପ୍ରେସ କ୍ଲବ୍ ସମ୍ପାଦକ କର୍ଣ୍ଣାର୍ଜୁନ ସାହା ଯୋଗଦେଇ ଛାତ୍ରଛାତ୍ରୀ ଶୃଙ୍ଖଳିତ ହେବା ସହିତ ଚରିତ୍ର ଗଠନ କରିବାକୁ ପରାମର୍ଶ ଦେଇଥିଲେ । ପ୍ରଧାନ ଗୁରୁମା ଧନ୍ୟବାଦ୍ ଦେଇଥିଲେ ।

## ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ମୋରଡ଼ା, ୨୯।୩(ସମିସ): ମୋରଡ଼ା ବ୍ଲକ ଚିତ୍ରଡା ମହାବିଦ୍ୟାଳୟରେ ଗତ ୨୦ ତାରିଖରୁ ଚାଲିଥିବା ବାଳିକା ଆତ୍ମସୁରକ୍ଷା ଶିବରି ଶୁକ୍ରବାର ଉଦଯାପିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷ ବିଶ୍ୱଜିତ ମହନ୍ତ ଅଧ୍ୟକ୍ଷତା କରିଥିବା ବେଳେ ଉଦଯାପନୀ ସଭାରେ ରାଜନୀତି ବିଜ୍ଞାନର ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସି, ଅଧ୍ୟାପିକା ଅର୍ଚ୍ଚନା ପ୍ରଧାନ ଅତିଥି ଭାବେ ଯୋଗ ଦେଇ ଅଂଶଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ପୁସ୍ତକ ପ୍ରଦାନ କରିଥିଲେ । ପ୍ରଶିକ୍ଷିକା ଭାବେ ମାଳତୀ ମାରାଣ୍ଡି ଯୋଗଦେଇଥିଲେ ।

## ଓଡ଼ିଶା ବ୍ରାହ୍ମଣ ମହାସଂଘର ବିଶ୍ୱକଲ୍ୟାଣ ମହାଯଜ୍ଞ

ରାଇରଙ୍ଗପୁର, ୨୯ ।୩(ସମିସ): କୁଚେଇବୁଢୀ ସ୍ଥିତପୂର୍ଣ୍ଣେଶ୍ୱର ମନ୍ଦିର ପରିସରରେ ଓଡ଼ିଶା ବ୍ରାହ୍ମଣ ମହାସଂଘ ବାମନଘାଟୀ ଶାଖା ରାଇରଙ୍ଗପୁର ପକ୍ଷରୁ ବିଶ୍ୱକଲ୍ୟାଣ ମହାଯଜ୍ଞ ଅନୁଷ୍ଠିତ ହେଉଛି । ଗତ ୨୭ ତାରିଖରେ ଅଙ୍କୁରାରୋପଣ, ୨୮ରେ ୨୧ଟି କଳସ ଜଳଯାତ୍ରା, ଯଜ୍ଞମଣ୍ଡପରେ ଦେବତାମାନଙ୍କୁ ଆବାହନ, ଅଗ୍ନି ସଂଯୋଗୀକରଣ ଏବଂ ଯଜ୍ଞ ଆରମ୍ଭ, ୨୯ ତାରିଖ ଯଜ୍ଞ କର୍ମକାଣ୍ଡ ଓ ବ୍ରତୋପନୟନ ଏବଂ ୩୦ ତାରିଖ ଗୀତା ମହାଯଜ୍ଞ ଏବଂ ପୂର୍ଣ୍ଣାହୁତି ସମ୍ପନ୍ନ ହେବ । ଏଥିରେ ଶ୍ରୀକ୍ଷେତ୍ର ପୁରୀର ପଣ୍ଡିତଗଣ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବ୍ରାହ୍ମଣ ମହାସଂଘ ରାଇରଙ୍ଗପୁର ଶାଖାର ସଭାପତି ଗଣେଶ ମିଶ୍ର, ଉପସଭାପତି ତରୁଣ ନନ୍ଦ, କାର୍ଯ୍ୟକାରୀ ସଭାପତି ଅର୍ଦ୍ଧେନ୍ଦୁଶେଖର ରଥ, ସମ୍ପାଦକ କ୍ରିଷ୍ଣା ଶର୍ମା, କୋଷାଧ୍ୟକ୍ଷ ଜୟକୃଷ୍ଣ ଦାଶ ପ୍ରମୁଖ ସହଯୋଗ କରିଥିଲେ ।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ 'ସହଭାଗୀ ରୂପେ ଅଭିଭାବକ' କାର୍ଯ୍ୟକ୍ରମ




ବିଶୋଇ, ୨୯ ।୩ (ସମିସ): ବିଶୋଇ ସରକାରୀ ଏସ୍.ଏସ୍.ଡି ଉଚ୍ଚ ବିଦ୍ୟାଳୟରେ ସହଭାଗୀ ରୂପେ ଅଭିଭାବକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷୟିତ୍ରୀ କ୍ରାନ୍ତିପ୍ରଭା ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ତହସିଲଦାର ସତ୍ୟବାନ ନାଏକ, ସମ୍ମାନିତ ଅତିଥି ଭାବରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିକାଶ ରଞ୍ଜନ ନାଏକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ପ୍ରଦ୍ୟୁମ୍ନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସ୍ୱାବଲମ୍ବୀ, ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ଉନ୍ନତ ଶିକ୍ଷା କ୍ଷେତ୍ରରେ ସରକାରଙ୍କ ଠାରୁ ମିଳୁଥିବା ବିଭିନ୍ନ ଉପାଦେୟ ଯୋଜନା ଓ ପ୍ରକଳ୍ପ ସମ୍ବନ୍ଧରେ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଷଡ଼ଙ୍ଗୀ ଆଲୋକପାତ କରିଥିଲେ । ଶିକ୍ଷୟିତ୍ରୀ ମନାଲିସା ସାଉ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ । ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ପାନମଣି ହାଁସଦା, ଶିଖାରାଣୀ ଜେନା, ଅମ୍ବିକା ପଣ୍ଡା, ସୋନାଲି ମୁର୍ମୁ, ସଙ୍ଗୀତା ସେଠୀ, ପ୍ରଦୀପ ବୈଠା, ରାହୁଲ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**ବଡସାହି:** ବଡସାହି ବ୍ଲକ ଚନ୍ଦନପୁର (ନୂତନ) ଆଶ୍ରମ ବିଦ୍ୟାଳୟରେ ସହଭାଗିତାରେ ପିତାମାତା ବୈଠକ ଅନୁଷ୍ଠିତ ହୋଇଯାଇଛି । ମାଣତ୍ରୀ କ୍ଲଷ୍ଟର ସିଆରସିସି ପ୍ରଦୀପ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚନ୍ଦନପୁର ସରପଞ୍ଚ ହରିଶଚନ୍ଦ୍ର ମୁର୍ମୁ, ସ୍ୱତନ୍ତ୍ର ଅତିଥି ଭାବେ ଡା ସବ୍ୟସାଚୀ



ପ୍ରଧାନ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବାସନ୍ତୀ ସିଂ, ଖବରଦାତା ନିରଞ୍ଜନ ମହାନ୍ତ, ଚନ୍ଦନପୁର ସିଏଚଓ ସ୍ୱାଗତିକ ପ୍ରଧାନ, ଶିକ୍ଷା କମିଟିର ସଭାପତି ଧାନାୟ ମାଝୀ ପ୍ରମୁଖ ଯୋଗଦେଇ ସରକାରଙ୍କ ଯୋଜନା ସମ୍ପର୍କରେ ଆଲୋଚନା କରିଛନ୍ତି । ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଭୂୟାଁ, ସହକାରୀ ଶିକ୍ଷକ ରାମଚନ୍ଦ୍ର ସିଂ ବିଦ୍ୟାଳୟ ଓ ହଷ୍ଟେଲ ବ୍ୟବସ୍ଥା, ଶିକ୍ଷକ ଅଭିମନ୍ୟୁ ସାତୁଆ ମନିଟରିଂ ଓ ସରକାରୀ ବୃତ୍ତି ବ୍ୟବସ୍ଥା, ଚିନ୍ମୟ ଆରୁଖ ସହ ଶୈକ୍ଷିକ କାର୍ଯ୍ୟକ୍ରମ ଓ କ୍ୟାରିୟର କାଉନସେଲିଂ ବ୍ୟବସ୍ଥା, ଦେବଦତ୍ତା ପତି ସୁରକ୍ଷା ଓ ନିରାପତ୍ତା ତଥା ଜୀବନ କୌଶଳ ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ମାଆମାନଙ୍କୁ ନେଇ ଏକ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

**ଜାମଦା:** ଜାମଦା ବ୍ଲକ ଅନ୍ତର୍ଗତ ତାରଣା ଆଶ୍ରମ ବିଦ୍ୟାଳୟରେ ସହଭାଗୀ ରୂପେ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ



ସୁଦାମ ଚରଣ ଦତ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜାମଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ପଣ୍ଡା, ସମ୍ମାନିତ ଅତିଥି ଭାବେ ଡବ୍ଲ୍ୟୁଇଓ ଶୁଭାଶିଷ ଦାସ, ସନକୁଲେଇବିରା କ୍ଲଷ୍ଟର ସିଆରସିସି ଶଙ୍କର ପାତ୍ର, ବିଦ୍ୟାଳୟ ଚେୟାରମ୍ୟାନ ଦିଗିଜ ସୋରେନ, ବସନ୍ତପୁର ପ୍ରାଣିଧାନ ନିରୀକ୍ଷକ ରୁମୁ ମୁର୍ମୁ, ତାରଣା ୱାର୍ଡ ମେମ୍ବର କୁଶୁନୁ ମାରାଣ୍ଡି, ତାରଣା ଏ.ଏନ.ଏମ ଯମୁନା ଟୁଡୁ, ଆଶା ଫୁଲ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମହାତ୍ମା ଗାନ୍ଧୀ, ଡକ୍ଟର ବି.ଆର ଆମ୍ବେଦକର, ଜବାହରଲାଲ ନେହେରୁ, ସୁବାସ ଚନ୍ଦ୍ର ବୋଷ, ସର୍ବପଲ୍ଲି ରାଧାକ୍ରିଷ୍ଣନ ଏବଂ ଠକର ବାବାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଥିଲା । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ଦତ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ । ସହକାରୀ ଶିକ୍ଷକ ବିଜୟ କୁମାର ସିଂ ଅତିଥି ପରିଚୟ ଦେଇଥିଲେ । ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସହକାରୀ ଶିକ୍ଷକ ଦୀପକ କୁମାର କାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

**ଖୁଣ୍ଟା:** ଶୁକ୍ରବାର ବାହାନଡା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ଦାସଙ୍କ ସଭାପତିତ୍ୱରେ ଅଭିଭାବକ ସହଭାଗିତା ରୂପେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଖୁଣ୍ଟା ପଞ୍ଚାୟତ ସମିତିର ଚେୟାରମ୍ୟାନ



ସୁଧନ୍ୟା ନାଏକ, ଜିଲ୍ଲା ପରିଷଦ ସଭ୍ୟା ସୁନୀତି ମାର୍ଣ୍ଡି, ଡିଇଓ ସୁଶିଲ କୁମାର ଦାସ ଏବଂ ଡୁକୁରା ସିଏଚସିର ଡା. ରାଜୀବରଞ୍ଜନ ପାଲ ପ୍ରମୁଖ ଉପସ୍ଥିତ ରହି ପିଲାଙ୍କୁ ମାର୍ମିକ ସମ୍ଭାଷଣ ପ୍ରଦାନ କରିଥିଲେ । ଏହାର ସୁପରିଚାଳନା ରେ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ତଥା କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ ।

**ମହୁଲଡିହା:** ହାତୀଗୋଡା ଆଶ୍ରମ ବିଦ୍ୟାଳୟରେ ସହଭାଗୀ ରୂପେ ଅଭିଭାବକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । 'ଆମେ ଜାଣିବା, ଆମେ ଜିଣିବା' ପ୍ରସଙ୍ଗକୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଅଭିରାମ ନାଏକଙ୍କ ସଭାପତିତ୍ୱରେ ହାତୀଗୋଡା ଗ୍ରାମପଞ୍ଚାୟତର ସରପଞ୍ଚ ଦଶମା ସଏ, ମୁଖ୍ୟବକ୍ତା ସମିତି ସଭ୍ୟ ପ୍ରତାପ ଚନ୍ଦ୍ର ନାୟକ, ସ୍ୱତନ୍ତ୍ର ଅତିଥି ସିଆରସିସି ମନୋରଞ୍ଜନ ଲୁଗୁନ, ସମ୍ମାନିତ ଆତିଥିଭାବେ ସିୱାଇଏସ୍ତିର ସଦସ୍ୟା ଅପର୍ଣ୍ଣା ଜେନା, ମ୍ୟାଜିକ



ବସ ଇଣ୍ଡିଆ ଫାଉଣ୍ଡେସନର ସଦସ୍ୟ ପ୍ରକାଶ ଚନ୍ଦ୍ର ସାହୁ, ସ୍କୁଲ ପରିଚାଳନା କମିଟିର ସମ୍ପାଦକ ପ୍ରଧାନ ତିୟୁ, ଯୋଗଗୁରୁ ମୁନି ଚାରୁ ଚନ୍ଦ୍ର ନାୟକ, ବରିଷ୍ଠ ନାଗରିକ ରାମଚନ୍ଦ୍ର ହାଁସଦା ପ୍ରମୁଖ ଯୋଗଦେଇ ଦେଇ ସରକାରଙ୍କ ବିଭିନ୍ନ ଯୋଜନା ବାବଦରେ ଅଭିଭାବକଙ୍କୁ ସୂଚନା ଦେଇଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

**ବୈଶିଙ୍ଗା:** ବୈଶିଙ୍ଗା ଥାନା ଉତ୍ତରପାଳ ଆଶ୍ରମ ବିଦ୍ୟାଳୟରେ ସହଭାଗୀ ରୂପେ ଅଭିଭାବକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆମେ ଜାଣିବା, ଆମେ ଜିଣିବା ପ୍ରସଙ୍ଗରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଗିରିଶ ଚନ୍ଦ୍ର ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବରେ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ମୁଖ୍ୟ ଅତିଥି ଭାବରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବାସନ୍ତୀ ସିଂ, ସଭାପତି ଭାବେ ବାଗୁଲି ଆଶ୍ରମ ବିଦ୍ୟାଳୟର ପ୍ରଧାନ



ଶିକ୍ଷକ ବିଶ୍ୱନାଥ ସାହୁ, ସମ୍ମାନିତ ଅତିଥି ଜଡିତା କ୍ଲଷ୍ଟର ସିଆରସିସି ଜଗନ୍ନାଥ ମିଶ୍ର, ମୁଖ୍ୟ ବକ୍ତା ଭାବରେ ମାନଗୋବିନ୍ଦପୁର ସମିତି ସଭ୍ୟ ରାକେଶ କୁମାର ମହାପାତ୍ର, ମାନଗୋବିନ୍ଦପୁର ସରପଞ୍ଚ କୁନି ସିଂ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ କଳାକୃତି, ଫଟୋ ଗ୍ୟାଲେରୀ ଆଦି ପ୍ରଦର୍ଶିତ ହୋଇଥିଲା । ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସହକାରୀ ଶିକ୍ଷକ ସମରେନ୍ଦ୍ର ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

**କୁଳିଅଣା:** କୁଳିଅଣା ବ୍ଲକ ବଡ଼ ନୂଆଗାଁ ଏସଏସଡି ସରକାରୀ ଉଚ୍ଚ ବିଦ୍ୟାଳୟରେ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚାନ୍ଦୁଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ପତିଙ୍କ



ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରିୟପଦ ନାଏକ, ସମ୍ମାନିତ ଅତିଥି ଭାବେ ଏସଏମସି ସଭାପତି ସୁକୁମାର ସେଠୀ, ବିକର୍ତ୍ତନ ନାଏକ, ମହାଦେବ ମହାପାତ୍ର, ଚନ୍ଦ୍ରମୋହନ ନାଏକ, ପ୍ରଧାନ ଶିକ୍ଷୟତ୍ରୀ ଭାରତୀ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଅଭିଭାବକଙ୍କୁ ସୂଚନା ଦେଇଥିଲେ ।

# ଇଫ୍ତାର ପାର୍ଟିରେ ଯୋଗଦେଲେ ଚମ୍ପୁଆ ଉପଜିଲ୍ଲାପାଳ

ଚମ୍ପୁଆ, ୨୯ ।୩(ସମିସ): ପବିତ୍ର ରମ୍‌ଜାନ ମାସ ମୁସଲିମ ସମ୍ପ୍ରଦାୟର ଏକ ପ୍ରମୁଖ ମାସ ଭାବରେ ଗଣାଯାଉଥିବା ବେଳେ ସାମୂହିକ ଉପବାସ ମଧ୍ୟରେ ଏହି ଧର୍ମ ମାସ ପବିତ୍ରତା ଓ ଭାଇଚାରାର ବାର୍ତ୍ତା ବହନ କରିଥାଏ। ସୂର୍ଯ୍ୟାସ୍ତ ପରେ ସାମୂହିକ ନମାଜ ପାଠ କରି ଉପବାସ ଭାଙ୍ଗିଥାଆନ୍ତି। ଚମ୍ପୁଆସ୍ଥିତ ଜାମୁଦଲକଠାରେ ଆଲେ ହାବିସ୍ କମିଟି ପକ୍ଷରୁ ଏକ ଇଫତାର ପାର୍ଟି ଗତ ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଯୋଗ ଦେଇ ଭାଇଚାରାର ନିଦର୍ଶନ ପୂର୍ବକ ସମବେତ ଭୋଜନରେ ସାମିଲ ହୋଇ ସୁସ୍ୱାଦୁ ବ୍ୟଞ୍ଜନ ଗ୍ରହଣ କରିଥିଲେ। ସ୍ଥାନୀୟ ସରପଞ୍ଚ ଅଞ୍ଜନ ଓରାମ ଓ ଜାମୁଦଲକ ଗ୍ରାମର ବିଶିଷ୍ଟ ବ୍ୟକ୍ତି ବିଶେଷ ଏଥିରେ ଯୋଗ ଦେଇଥିଲେ। ଚମ୍ପୁଆ, ଅଲ୍ଲିନଗର, ଜୟନ୍ତିଗଡ଼ ଓ ଜାମୁଦଲକ ଗ୍ରାମର ପ୍ରାୟ ୩୦୦ ମୁସଲିମ ସମ୍ପ୍ରଦାୟର ଲୋକ ଯୋଗଦେଇ ଏହି ଇଫତାର ପାର୍ଟିକୁ ସଫଳ କରିଥିଲେ। କମିଟି ସଭାପତି ସାହିଦ୍ ଆଖତରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଏମଡି ରୁସ୍ତମ, ଏମଡି ଅମିର୍, ଏମଡି ଜାହିଦ, ଏମଡି ଖୁରସିଦ ଓ ଏମଡି ଆଜିଜ ପରିଚାଳନା କରିଥିଲେ।



# ଚନ୍ଦ୍ରଶେଖର ମହାବିଦ୍ୟାଳୟରେ କେନ୍ଦ୍ରୀୟ ବିଦ୍ୟାଳୟ ଟିମ୍‌ର ଅନୁଧ୍ୟାନ

ଚମ୍ପୁଆ, ୨୯ ।୩(ସମିସ)

ଚମ୍ପୁଆରେ ଖୋଲିବ କେନ୍ଦ୍ରୀୟ ବିଦ୍ୟାଳୟ। ଦୀର୍ଘ ଦିନ ଧରି ଦାବି କରିଆସୁଥିବା ଚମ୍ପୁଆବାସୀଙ୍କ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ଦାବିର ଆଶା ପୂରଣ ହେବାରେ ଲାଗିଛି। ରାମଲାଠାରେ ସ୍ଥାନ ନିରୂପଣ ଶେଷ ହୋଇଯାଇଥିଲେ ବି ପ୍ରାଥମିକ ସ୍ତରରେ ଏହା ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରେ ଅସ୍ଥାୟୀ ଭାବରେ ବିଦ୍ୟାଳୟ ପରିଚାଳନା ହେବ ବୋଲି ଜଣାଯାଇଛି। ବହୁ ପୂର୍ବରୁ ଏହି ବିଦ୍ୟାଳୟ କାର୍ଯ୍ୟକ୍ଷମ ପାଇଁ ମହାବିଦ୍ୟାଳୟ ପକ୍ଷରୁ ଗୃହ ଓ ଅନୁଷଙ୍ଗିକ ବ୍ୟବସ୍ଥା ଯୋଗାଇ ଦିଆଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟକ୍ଷମ ହୋଇପାରି ନଥିଲା। ଏନେଇ ବାରମ୍ବାର କେନ୍ଦ୍ରୀୟ ବିଦ୍ୟାଳୟ ଦଳ ପ୍ରସ୍ତାବିତ କେନ୍ଦ୍ର ବିଦ୍ୟାଳୟ ସ୍ଥାନ ନିରୂପଣ କ୍ଷେତ୍ରକୁ ପରିଦର୍ଶନ କରି ଆସୁଥିଲେ। ଆଜି କେନ୍ଦ୍ରୀୟ ବିଦ୍ୟାଳୟ ଦଳର ଦୁଇ ଜଣ ସଦସ୍ୟ ସୁଶାନ୍ତ କୁମାର ସାହୁ ଓ ଦୁଷ୍ମନ୍ତ କୁମାର ସାହୁ ସ୍ଥାନୀୟ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ସହକାରୀ ଜିଲ୍ଲାପାଳ ଫୁଲରାଇ ବେସ୍ରା, ମହାବିଦ୍ୟାଳୟର ପ୍ରଧାପକ ସ୍ୱାଧୀନ ସିଂ, ଅଧ୍ୟାପକ ରାଜକିଶୋର ମହାନ୍ତଙ୍କ ଉପସ୍ଥିତିରେ ମହାବିଦ୍ୟାଳୟଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଦିଆଯାଇଥିବା ଶ୍ରେଣୀଗୃହ, କାର୍ଯ୍ୟାଳୟ ଗୃହ, ଶୌଚାଳୟ ଆଦି ଅନୁଧ୍ୟାନ କରିବା ସହିତ ଛାତ୍ରଛାତ୍ରୀଙ୍କ ପ୍ରାର୍ଥନା ପାଇଁ ଆବଶ୍ୟକ ପେଣ୍ଡାଲ ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଥିଲେ। ଏପରିକି କେନ୍ଦ୍ରୀୟ ବିଦ୍ୟାଳୟ ସୂଚନାଫଳକ ଲଗାଇବା ଓ ଗାଡି ପାର୍କିଙ୍ଗ ନିମନ୍ତେ ସ୍ଥାନ ବୁଲି ଦେଖିଥିଲେ।



## ପୁଲିସକୁ ଆକ୍ରମଣ ଘଟଣା: ଗିରଫ ସଂଖ୍ୟା ୭କୁ ବୃଦ୍ଧି

ହାଟଡ଼ିହୀ/ସୋସୋ, ୨୯।୩(ସମିସ): ୪ ଦିନ ତଳେ ନନ୍ଦିପଦା ଥାନା ବାଲିପଦାଠାରେ କାର୍ଯ୍ୟରତ ୨ ପୁଲିସ କର୍ମଚାରୀଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ ଘଟଣାରେ ନନ୍ଦିପଦା ପୁଲିସ ପୁଣି ଜଣକୁ ଉଠାଇ ଆଣିଛି। ଘଟଣା ଘଟିବା ଦିନଠାରୁ ପୁଲିସ ଉକ୍ତ ବାଲିପଦା ତଥା ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କ ଗାଁଗୁଡ଼ିକରେ ବିଭିନ୍ନ ସମୟରେ ଚଢ଼ଉ ଜାରି ରଖିଥିଲା। ପୂର୍ବରୁ ୬ ଜଣ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲା ବେଳେ ଶୁକ୍ରବାର ବିଳମ୍ବିତ ରାତିରେ ସମ୍ପୃକ୍ତ ଆଉ ଜଣେ ଅଭିଯୁକ୍ତ ସନାତନ ମାଝୀକୁ ନନ୍ଦିପଦା ପୁଲିସ ଗିରଫ କରିବା ପରେ ମୋଟ ଗିରଫ ସଂଖ୍ୟା ଏହି ମାମଲାରେ ୭କୁ ବୃଦ୍ଧି ପାଇଛି। ପୁଲିସ ତଦନ୍ତ ଜାରି ରଖିଥିବା ବେଳେ ଘଟଣାରେ ସମ୍ପୃକ୍ତ ଆଉ କିଛି ଅଭିଯୁକ୍ତଙ୍କୁ ମଧ୍ୟ ପୁଲିସ ଖୋଜୁଥିବା ଜଣାପଡ଼ିଛି।

## କୋଡ଼ଖମଣ ପୁରୁଣାସାହି ବିଦ୍ୟାଳୟର ବାର୍ଷିକ ଉତ୍ସବ

ତୁରୁମୁଙ୍ଗା, ୨୯।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କୋଡଖମଣ ପୁରୁଣାସାହିଠାରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶୈକ୍ଷିକ ଓ ସହଶୈକ୍ଷିକ ପ୍ରତିଯୋଗିତା କରାଯାଇଥିଲା। ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ପ୍ରତିଯୋଗିତା ଶେଷରେ ପୁରସ୍କାର ବିତରଣ ବୈଠକ ଅନୁଷ୍ଠିତ ହୋଇଥିଲା। ସିଆରସି ରମେଶଚନ୍ଦ୍ର ମହାନ୍ତ ମୁଖ୍ୟଅତିଥି, ସମାଜସେବୀ ଖଗେଶ୍ୱର ମହାନ୍ତ ମୁଖ୍ୟବକ୍ତା, ଅବସରପ୍ରାପ୍ତ ଶିକ୍ଷକ ଶତ୍ରୁଘ୍ନ ପାଣିଗ୍ରାହୀ, ବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ଧନେଶ୍ୱର ମହାନ୍ତ, ପରିଚାଳନା କମିଟିର ସଭାପତି ଅଭିମନ୍ୟୁ ନାଏକ ପ୍ରମୁଖ ଯୋଗଦାନ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଚିରସ୍ଥାୟୀ ଅମଳ ପ୍ରକ୍ରିୟା ତାଲିମ ଶିବିର

ହାଟଡ଼ିହୀ, ୨୯।୩(ସମିସ): ହାଟଡ଼ିହୀ ବ୍ଲକ ଅନ୍ତର୍ଗତ କେ.ବାଲିପାଳଠାରେ ଚିରସ୍ଥାୟୀ ଅମଳ ପ୍ରକ୍ରିୟା ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ଓ ଜଙ୍ଗଲ ପରସ୍ପର ପରିପୂରକ ଅଟନ୍ତି। ମୌସୁମୀ ତଥା ଲଘୁଚାପ ବର୍ଷାରେ ଚାଷୀ ନିଜକୁ ଭରସା କରିପାରୁ ନଥିବା ବେଳେ ୨ୟ ଜୀବନ ଜୀବିକା ଭାବେ ଜଙ୍ଗଲ ଫସଲକୁ ୬ମାସ ପାଇଁ ଭରସା କରିଥାଏ। ଏଣୁ ସମସ୍ତ ସଂଗ୍ରହକାରୀଙ୍କୁ ଏକତ୍ର କରି ସେମାନଙ୍କୁ ଚିରସ୍ଥାୟୀ ଅମଳ ପଦ୍ଧତି ଉପରେ ଆର୍‌ସିଡ଼ିସି ଅନୁଷ୍ଠାନ ଦ୍ୱାରା ଆଜି କଅଁଳେଇ ବାଲିପାଳ (କେ.ବାଲିପାଳ)ଠାରେ ଏକ ତାଲିମ୍ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଏହି ଗ୍ରାମପଞ୍ଚାୟତର ଆଦିବାସୀମାନେ ମୁଖ୍ୟତଃ ଶାଳପତ୍ର, ମହୁଲ, ଟୋଲ, କୁସୁମ, ଚାର, କେନ୍ଦୁ ଆଦି ସଂଗ୍ରହ କରି ସ୍ଥାନୀୟ ପ୍ରକ୍ରିୟା କରଣ ସହ ବିକ୍ରିବଟା କରିଥା'ନ୍ତି। ଏବେ ମହୁଲ ଫୁଲ ସଂଗ୍ରହ ଋତୁ ଚାଲିଥିବାରୁ ଗଛ ତଳେ ନିଆଁ ନଲଗାଇ, ଗଛରୁ ଡାଳ ନକାଟି କିପରି ମହୁଲ ଫୁଲ ସଂଗ୍ରହ କରିହେବ ସେନେଇ ତାଲିମ ପ୍ରଦାନରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଶାଳପତ୍ର କେଉଁ ଋତୁରେ ଆଣିବେ କେଉଁ ଋତୁରେ ଆଣିବେ ନାହିଁ ଏବଂ ଗଛକୁ କ୍ଷତି ନପହଞ୍ଚାଇ କିପରି ସଂଗ୍ରହ କରିବେ ତାହା ସମ୍ବନ୍ଧରେ ବିସ୍ତୃତ ଅବଗତ କରାଯାଇଥିଲା। ଏବେ ପ୍ରବଳ ଉତ୍ତାପଜନିତ ଖରା ସହ ନିଆଁ ଦାଉରୁ ସ୍ଥାନୀୟ ବାସିନ୍ଦା ଜଙ୍ଗଲକୁ କିପରି ରକ୍ଷା କରିବେ ସେନେଇ ସର୍ବସମ୍ମତି କ୍ରମେ ନିଷ୍ପତି ନେଇଥିଲେ। ଆୟୋଜିତ ତାଲିମରେ ୬୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଯୋଗଦେଇ ପରସ୍ପର ମଧ୍ୟରେ ଅନେକ ଉପାଦେୟ ସୂଚନା ବିନିମୟ କରିଥିଲେ। କାର୍ଯ୍ୟକ୍ରମକୁ ଆର୍‌ସିଡ଼ିସି ଅନୁଷ୍ଠାନର ପରିଚାଳକ ଆନନ୍ଦଚନ୍ଦ୍ର ସେଠୀ ସଂଯୋଜନା କରିଥିଲେ। ଏଥିରେ ଯୁବ ସଂଗ୍ରହକାରୀ ସୂଜ୍ୟା ହେମ୍ବ୍ରମ, ସାଉଁରି ପୂର୍ତ୍ତି, ଗୁରୁବାରି ପୂର୍ତ୍ତି, ସାଦ୍ ହୋ, ଗୁରୁଚରଣ ମହାକୁଡ, ସୁନାରାମ ପୂର୍ତ୍ତି, ଚୈତନ୍ୟ ସୁରିନ, ତୁରାମ୍ ହେମ୍ବ୍ରମ ଓ ବିର୍ସା ପୂର୍ତ୍ତି ନିଜ ନିଜର ଅଭିଜ୍ଞତାରୁ ଚିରସ୍ଥାୟୀ ଅମଳ ପ୍ରକ୍ରିୟାକୁ ବଖାଣିଥିଲେ। ସ୍ୱେଚ୍ଛାସେବୀ ବୁଧିରାମ ପୂର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ବିଜ୍ଞାନ ମେଳା ପ୍ରଦର୍ଶନୀ



ହାଟଡ଼ିହୀ/ସୋସୋ, ୨୯।୩(ସମିସ): ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଚଣ୍ଡିଆବିରଞ୍ଚିପୁରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ବାର୍ଷିକ ବିଜ୍ଞାନ ମେଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଡିପ୍ଲୋମା ଇନ୍ ଫାର୍ମାସୀ ରବୀନ୍ଦ୍ର କୁମାର ଜେନା ଏବଂ ସମ୍ମାନିତଅତିଥି ଭାବେ ଅନିତା ଓଝା ଯୋଗଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଉଦୟନାଥ କର ସଭା ପରିଚାଳନା କରିଥିଲେ। ୨୪ଟି ବିଜ୍ଞାନ ପ୍ରକଳ୍ପ ପିଲାମାନଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିଲା। ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଉକ୍ତ ପ୍ରକଳ୍ପଗୁଡିକୁ ଅନୁଧ୍ୟାନ କରି ମୂଲ୍ୟାୟନ କରିଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷ ଗୋଲକ ବିହାରୀ ସାହୁ ଏବଂ ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ସଞ୍ଜୟ ମଜୁମ୍‌ଦାର୍ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପାର୍ଥସାରଥୀ ଜେନା, ବିଜୟ କୁମାର ପହି, ଦେବେନ୍ଦ୍ରନାଥ ପାଢ଼ୀ, ଦୟାନିଧି ଚିନରା, ପ୍ରଶାନ୍ତ କୁମାର ଦାସ, ହିମାଂଶୁ ରଞ୍ଜନ ବାରିକ୍, ବ୍ରହ୍ମାନନ୍ଦ ମଲ୍ଲିକ, ସଂଗ୍ରାମ କେଶରୀ ପଟ୍ଟନାୟକ, ଦେବାଶିଷ ରାଉତ, ଚନ୍ଦ୍ରଶେଖର ବାରିକ, ତନୁଶ୍ରୀ ତନୟା ପହି, କାବେରୀ ନାୟକ, ଊର୍ମୀ ମହାନ୍ତି, ଶୁଭଶ୍ରୀ ପଣ୍ଡା, ବିଷ୍ଣୁପ୍ରିୟା ଦାଶ, ଭାଗ୍ୟଶ୍ରୀ ସାହୁ, ରଶ୍ମିପ୍ରଭା ଖଟୁଆ, ବିଶ୍ୱଭାରତୀ ମିଶ୍ର, ପ୍ରୀତିନନ୍ଦା ମଲ୍ଲିକ, ପୂଜା ରଣା, ଚିନ୍ମୟୀ ସାହୁ, ଅର୍ଜୁନ ମଢେଇ, ମନୋରମା ସେଠୀ, ଉର୍ମିଳା ସେଠୀ ସହଯୋଗ କରିଥିଲେ।

## ମରୈଗାଁରେ ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ

ସୋସୋ, ୨୯।୩(ସମିସ): ଆନ୍ତର୍ଜାତିକ ସମବାୟବର୍ଷ-୨୦୨୫ ଉପଲକ୍ଷେ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ମରୈଗାଁ ସମବାୟ ସମିତି ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତିର ସମ୍ପାଦକ ଶରତ କୁମାର ସେଠୀଙ୍କ ତତ୍ତ୍ୱାବଧାନ ଏବଂ ସମିତିର ସଭାପତି ଜଳଧର ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କେସିସି ବ୍ୟାଙ୍କ ହାଟଡିହି ଶାଖା ପରିଚାଳକ ରଶ୍ମି ରଞ୍ଜନ ଜେନା, ଡାଇରେକ୍ଟର ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଯୋଗ ଦେଇଥିଲେ। ଗ୍ରାମ୍ୟ ଜୀବନକୁ ବିକଶିତ କରିବା ପାଇଁ ବିଭିନ୍ନ ଯୋଜନା ସମ୍ପର୍କରେ କୁହାଯାଇଥିଲା। ଏହି ସମୟରେ ଯୁଧିଷ୍ଠିର ମଲ୍ଲିକ, ଭଗବାନ ନାୟକ, କୋଦଣ୍ଡ ଦାସ, ମନୋଜ ପଣ୍ଡା, ସରପଞ୍ଚଙ୍କ ପ୍ରତିନିଧି ସୁରେନ୍ଦ୍ର ଜେନା, ପୂର୍ଣ୍ଣଚନ୍ଦ୍ର ଦାସ, ଚକ୍ରଧର ଜେନା, ମହିଳା ଗୋଷ୍ଠୀର ସଦସ୍ୟା ପ୍ରତିମା ଶଙ୍ଖୁଆ, କଲ୍ୟାଣୀ ମହାନ୍ତି, ତପସ୍ୱିନୀ ସା, ରଶ୍ମିତା ଜେନା, ପ୍ରମେଲତା ପଣ୍ଡା, କୁନ୍ତଳା ଜେନା, ତମସା ସା ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ। ସମିତିର କର୍ମଚାରୀମାନେ ସହଯୋଗ କରିଥିଲେ।



## ଏନ୍‌ଏମ୍‌ଏମ୍‌ଏସ୍ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ସୋସୋ, ୨୯।୩(ସମିସ): ହାଟଡିହି ବ୍ଲକ ଓରାଳି ବୃନ୍ଦାବନଚନ୍ଦ୍ର ସରକାରୀ ଉପ୍ରା ବିଦ୍ୟାଳୟର ଏମଏମଏମଏସ ପରୀକ୍ଷାରେ ୯ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଛି। ପ୍ରଧାନ ଶିକ୍ଷକ ନିରଞ୍ଜନ ସାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଏବିଇଓ ପ୍ରମୋଦ କୁମାର ନାୟକ, ମୁଖ୍ୟବକ୍ତା ଓରାଳି ହାଇସ୍କୁଲ ପ୍ରଧାନଶିକ୍ଷକ ଅନିଲ କୁମାର ସିଂ, ସ୍ୱତନ୍ତ୍ର ଅତିଥି ପୂର୍ବତନ ଏବିଇଓ ବିନୋଦ କୁମାର ରାଉତ, ସମ୍ମାନିତ ଅତିଥି ସିଆରସିସି ଆଲୋକ ନାଥ, ବିଦ୍ୟାଳୟ କମିଟିର ଚେୟାରମ୍ୟାନ ଗଙ୍ଗାଧର ନାୟକ ଯୋଗ ଦେଇଥିଲେ। ବିଦ୍ୟାଳୟର ବିରିଷ୍ଠ ଶିକ୍ଷକଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



## ଚମ୍ପୁଆ ଶିଶୁ ମନ୍ଦିରରେ ପ୍ରଗତି ଉତ୍ସବ



ଚମ୍ପୁଆ, ୨୯।୩(ସମିସ): ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ପ୍ରଗତି ଉତ୍ସବ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଯାଇଛି। ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରଥମ ପର୍ଯ୍ୟାୟ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ କନ୍ଦର୍ପ ନାୟକ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଆଭିମୁଖ୍ୟ କଥନ କରିଥିଲେ। ପରିଚାଳନା ସମିତିର କୋଷାଧ୍ୟକ୍ଷ ସଦାନନ୍ଦ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ପରୀକ୍ଷା ପ୍ରମୁଖ ତୋଫାନ ଦାସ ବାର୍ଷିକ ପରୀକ୍ଷା ବିବରଣୀ ପାଠ କରିଥିଲେ। ଆଚାର୍ଯ୍ୟ ସରୋଜ କୁମାର ପାତ୍ର ପରିଚାଳନା କରିଥିଲେ। ୨ୟ ପର୍ଯ୍ୟାୟରେ ୬ଷ୍ଠ ଶ୍ରେଣୀଠାରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କର ପରୀକ୍ଷା ଫଳ ପ୍ରକାଶିତ ହୋଇଥିଲା। ମୁଖ୍ୟଅତିଥି ଭାବେ ନୂଆଗାଁ ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷକ ଗିରିଶଚନ୍ଦ୍ର ମହାନ୍ତ, ସମ୍ମାନିତ ଅତିଥିଭାବେ ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ, ସମ୍ପାଦକ ଭୋଳାନାଥ ମିଶ୍ର, ସଦସ୍ୟା ପ୍ରତିଭା ମଞ୍ଜରୀ ନାୟକ ଓ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଯୋଗ ଦେଇଥିଲେ। ପରୀକ୍ଷା ପ୍ରମୁଖ ସୁଶାନ୍ତ କୁମାର ଗିରି ବାର୍ଷିକ ପରୀକ୍ଷା ବିବରଣୀ ପାଠ କରିଥିଲେ। ଆଚାର୍ଯ୍ୟ ଭାସ୍କରଚନ୍ଦ୍ର ମହାକୁଡ଼ ପରିଚାଳନା କରିଥିଲେ। ବିଭିନ୍ନ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ବେଳେ ସମସ୍ତ ଗୁରୁଜୀ ଗୁରୁମାଆ ଓ ସେବକ ସେବିକା ସହଯୋଗ କରିଥିଲେ।

## ଘସିପୁରା ବ୍ଲକ୍‌ରେ କୃଷି ସଚେତନତା



ରାମଚନ୍ଦ୍ରପୁର, ୨୯ ।୩(ସମିସ): ଏକ କୃଷି ସଚେତନତା ରଥ ଘସିପୁରା ବ୍ଲକର ବିଭିନ୍ନ ଗାଁକୁ ଗାଁ ବୁଲି ବାର୍ତ୍ତା ବାଣ୍ଟିବା ସହ ପଥପ୍ରାନ୍ତ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କୁ କୃଷି ଯୋଜନା ଏବଂ କାର୍ଯ୍ୟକ୍ରମ ସହ ଯୋଡ଼ିବା ପ୍ରୟାସ ଆରମ୍ଭ କରାଯାଇଛି। ଚଢେୟା ସଙ୍ଗିତ ଓ ନୃତ୍ୟ ପରିବେଷଣ ମାଧ୍ୟମରେ କୃଷି ସଚେତନତା ବାର୍ତ୍ତା ବାଣ୍ଟୁଛି। ଏହି କ୍ରମରେ ଗତକାଲି ଶାଳଦେଇ, ତରୁଆଁ, ରାମଚନ୍ଦ୍ରପୁର, ଗିଁପୁର, ଅଳତି, ପୁରୁଣାବାନ୍ଧଗୋଡା, ଗଡ଼ବାନ୍ଧଗୋଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏହି ରଥ ପରିକ୍ରମା କରିଥିବା ଜଣାପଡ଼ିଛି। କୃଷି ରଥ ପରିକ୍ରମାରେ ସ୍ଥାନୀୟ ପଞ୍ଚାୟତର ଭିଏଡବ୍ଲୁ କୃଷକସାଥୀ ଏବଂ ଅଗ୍ରଣୀ କୃଷକମାନେ ଉପସ୍ଥିତ ରହି କୃଷି ରଥକୁ ସ୍ୱାଗତ କରିଥିଲେ।

# ବିଭିନ୍ନ ବିଦ୍ୟାଳୟର ବାର୍ଷିକ ଉତ୍ସବ

### ବୌଦାଖିଆ ଆଶ୍ରମ ବିଦ୍ୟାଳୟ

ସୋସୋ, ୨୯ ।୩(ସମିସ): ହାଟଡିହି ବ୍ଲକ ପନ୍ଦାଡୋ ପଞ୍ଚାୟତ ବୌଦାଖିଆ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ସହ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମନ୍ମଥ ଜେନା ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟଅତିଥି ଭାବେ ଏଡିବ୍ଲୁଓ ଆନନ୍ଦପୁର ବିଜୟ କୁମାର ପୁର୍ତି, ମୁଖ୍ୟବକ୍ତା ଗଡ଼ଚଣ୍ଡ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଷ୍ଣୁପ୍ରସାଦ ଦାସ, ସମ୍ମାନିତ ଅତିଥି ସିଆରସିସି ଅଞ୍ଜନ ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଆନନ୍ଦଚନ୍ଦ୍ର ବେହେରା, ବ୍ରାହ୍ମଣିକଳା ବିଦ୍ୟାଳୟର ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ଘଡେଇ, ବିଦ୍ୟାଳୟ କମିଟିର ଅଧ୍ୟକ୍ଷ ସୁଭଦ୍ରା ଘଟୁଆ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ମମତାମୟୀ ବିଶ୍ୱକଲ୍ୟାଣୀ ରାଉତ, ଶିକ୍ଷକ ଗଜେନ୍ଦ୍ର ପ୍ରସାଦ ଧାମୁଡିଆ, ଅମିୟ ରଞ୍ଜନ ରାଉତ, ଜଗନ୍ନାଥ ବାରିକ ଓ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ଜଳକଳଙ୍ଗ ଓ ଡଅଁର ଉଚ୍ଚପ୍ରାଥମିକ ବିଦ୍ୟାଳୟ

ହାଟଡ଼ିହୀ: ହାଟଡ଼ିହୀ ବ୍ଲକ ଜଳକଳଙ୍ଗ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କେଶବଚନ୍ଦ୍ର ପାତ୍ରଙ୍କ ଆବାହ୍ୱକତାରେ ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ମଦନମୋହନ ଦାସଙ୍କ ସଭପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଜ୍ଞାନେନ୍ଦ୍ର କୁମାର ଜେନା, ସମ୍ମାନିତ ଅତିଥି ଭାବେ ଶିକ୍ଷକ ଗୌରଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ବଳରାମ ପଣ୍ଡା, ଆଶୁତୋଷ ପହି, ସୁଶ୍ରୀ ସ୍ୱୟଂପ୍ରଭା ବେହେରା ସହଯୋଗ କରିଥିଲେ। ପରିଚାଳନା କମିଟିର ସଦସ୍ୟ ଓ ସଦସ୍ୟାଙ୍କ ମଧ୍ୟରେ ଶନିଶ୍ଚର ବାରିକ, ସନ୍ତୋଷ ନାୟକ, ପ୍ରଦୀପ ମଲ୍ଲିକ, ଚିତ୍ତରଞ୍ଜନ ମଲ୍ଲିକ, ଗୋପାଳ ଜେନା, ସ୍ୱର୍ଣ୍ଣଲତା ଜେନା, ଗୀତା ଦାସ, ସବିତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ବଳରାମ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ହାଟଡ଼ିହୀ ବ୍ଲକ ଡଅଁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଚନ୍ଦ୍ରକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନ ଏବଂ ମୋ ସ୍କୁଲ ଅଭିଯାନର ସଭାପତି ରମେଶଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଗୋଷ୍ଠୀ ସହ ଶିକ୍ଷାଧିକାରୀ ସୁରେଶଚନ୍ଦ୍ର ଜେନା ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଶିଶିର ନାୟକ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ ପଦ୍ମନାଭ ନାୟକ, ପୂର୍ବତନ ପ୍ରଧାନଶିକ୍ଷକ ବାସୁଦେବ ନାୟକ, ସିଆରସିସି ଶ୍ରୀକାନ୍ତ ମିଶ୍ର ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଶିକ୍ଷୟିତ୍ରୀ ସୁଭଦ୍ରା ରାଉତ, ଜୟଶ୍ରୀ ପଣ୍ଡା, ଶିଳ୍ପାବିନ୍ଦୁ ଜେନା, ଶିକ୍ଷକ ରାଜେନ୍ଦ୍ର ବଳ, ଆନନ୍ଦଚନ୍ଦ୍ର ମୁଦୁଲି ସହଯୋଗ କରିଥିଲେ। ଏସଏମସିର ସଭାପତି ଅକ୍ଷୟ ଦାସ ଧନ୍ୟବାଦ ଦେଇଥିଲେ।

### ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର

ଚମ୍ପୁଆ: ଚମ୍ପୁଆ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ଅଧିକାରୀ ରାମକୃଷ୍ଣ ଗଣ୍ଡ, ସମ୍ମାନିତ ଅତିଥି ଭାବେ ଚମ୍ପୁଆ ତହସିଲଦାର




ସଜତ ମାର୍କେ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାପକ ଡକ୍ଟର ବିରେନ୍ଦ୍ର କୁମାର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ କମିଟିର ସଭାପତି ଶାନ୍ତନୁ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ସମ୍ପାଦକ ସୁଶାନ୍ତ କୁମାର ସାହୁ ଓ ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱରଞ୍ଜନ ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ଶ୍ରୀ ନନ୍ଦ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥି ଏବଂ ବକ୍ତା ଶ୍ରୀ ଅରବିନ୍ଦ ଓ ଶ୍ରୀମାଁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପୂର୍ଣ୍ଣାଙ୍ଗ ଶିକ୍ଷା ଗ୍ରହଣ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ପ୍ରଦାନ କରିବା ସହିତ ଛାତ୍ରଛାତ୍ରୀଙ୍କ ଶିକ୍ଷାର ଉନ୍ନତି ପାଇଁ ଅଭିଭାବକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ମୁଖ୍ୟ ବୋଲି ସୂଚନା ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଅପା, ଭାଇ ଓ କର୍ମଚାରୀ ପରିଚାଳନା କରିଥିଲେ।

### ଝୁମ୍ପୁରା ଉପ୍ରା ବିଦ୍ୟାଳୟ

ବାଲିବନ୍ଧ: ଝୁମ୍ପୁରା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନିରାକାର ବେହେରାଙ୍କ ତତ୍ତ୍ୱାବଧାନରେ ବାର୍ଷିକ ଉତ୍ସବ ଏବଂ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ମୋ ସ୍କୁଲ ଅଭିଯାନ କମିଟିର ସଭାପତି ଅନୁବ୍ରତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଝୁମ୍ପୁରା ବିଆରସିସି ନବକିଶୋର ସାମଲ, ମୁଖ୍ୟବକ୍ତା ଭାବେ ଏବିଇଓ ମୁକୁନ୍ଦ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ଏବିଇଓ ଜୟନ୍ତୀ ମଲ୍ଲିକ, ସରପଞ୍ଚ ରେବତୀ ବିରୁଆ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରାଜେନ୍ଦ୍ର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଜୟ ଦାଶ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ କିଶୋରିମଣି ବାରିକ, ଝୁମ୍ପୁରା ବ୍ଲକ ସାଂସଦ ପ୍ରତିନିଧି ପଞ୍ଚାନନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଚନ୍ଦ୍ରକଳା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନଶିକ୍ଷକ ଶ୍ରୀ ବେହେରା ବାର୍ଷିକ ବିବରଣୀ ପଠନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ମୋ ସ୍କୁଲ ଅଭିଯାନ ତରଫରୁ ବିଦ୍ୟାଳୟର ସର୍ବାଙ୍ଗୀନ କାର୍ଯ୍ୟ ପାଇଁ ସମର୍ପଣ ଭାବ ଦେଖାଉଥିବା ଅରବିନ୍ଦ ବେହେରା ଏବଂ ସମେରନ୍ଦ୍ର ବେହେରାଙ୍କୁ ଅତିଥିମାନଙ୍କ ଦ୍ୱାରା ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରମିଳା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଖଡିବିଲ ପ୍ରାଥମିକ ବିଦ୍ୟାଳୟ

ଆନନ୍ଦପୁର: ଆନନ୍ଦପୁର ବ୍ଲକ ବାଇଲୋ ପଞ୍ଚାୟତ ଖଡ଼ିବିଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପରିଚାଳନା କମିଟି ସଭାପତି ସୁରେଶ କୁମାର ଜେନାଙ୍କ ସଭପତିତ୍ୱରେ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆନନ୍ଦପୁର ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ହେମେନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଭାବରେ ଟୁକୁଣା ସାଧନ କେନ୍ଦ୍ରର ସିଆର୍‌ସିସି ଶଶିକାନ୍ତ ମହାନ୍ତି ଯୋଗ ଦାନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ସବିତା ଓଝା ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ତୃପ୍ତିମୟୀ ରାଉତ, ଅଙ୍ଗନବାଡି କର୍ମୀ ପ୍ରମିଳା ଜେନା, ସୁଚିତ୍ରା ଜେନା, ୱାର୍ଡସଭ୍ୟ କବିତା ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ହାଡିବନ୍ଧୁ ଜେନା, ସଞ୍ଜୟ ଜେନା, ବାପିନ ଜେନା, ପଦ୍ମିନୀ ଦଳେଇ, ଅନସୂୟା ଜେନା, ପ୍ରଭାତୀ ଜେନା, ସୁଲୋଚନା ଜେନା ଉପସ୍ଥିତ ଥିଲେ। ବିଦ୍ୟାଳୟ ପାଇଁ ଅବଦାନ ରଖିଥିବା ତିନି ଜଣ ଆଲୁମନି ସୁବ୍ରତ ପେରେଇ, ସମ୍ବିତ୍ ପେରେଇ ଓ ଆଦ୍ୟାଶା ଜେନାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କମିଟିର ବରିଷ୍ଠ ସଦସ୍ୟ ସୁକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

### ରାଜନଗର ଉଚ୍ଚବିଦ୍ୟାଳୟ

ତୁରୁମୁଙ୍ଗା: ପାଟଣା ବ୍ଲକ ରାଜନଗର ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦିନବନ୍ଧୁ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ସରପଞ୍ଚ ସୁଧାଂଶୁ ନାଏକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ମିଶ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଏବିଓ ଧରଣୀଧର ଦାସ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତୃପ୍ତିରଞ୍ଜନ ସିଂ, ସମିତି ସଭ୍ୟ ଅବନୀ କୁମାର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଅମଳା ସଚିଦାନନ୍ଦ ମହାକୁଡ଼ ସଂଯୋଜନା କରିଥିବା ବେଳେ ଭୀମସେନ ପାତ୍ର ଧନ୍ୟବାଦ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।



### ଚମ୍ପୁଆ ବାର୍ ଆସୋସିଏସନ ନିର୍ବାଚନ

# ରମେଶ ପ୍ରଧାନ ସଭାପତି, ସମ୍ପାଦକ ବିଜୟ ପ୍ରଧାନ



ଚମ୍ପୁଆ, ୨୯ ।୩(ସମିସ)

ଚମ୍ପୁଆ କ୍ରିମିନାଲ ଏଣ୍ଡ ସିଭିଲ କୋର୍ଟ ବାର ଆସୋସିଏସନ ନିର୍ବାଚନ ଆଜି ଅତି ସୁରୁଖୁରୁରେ ଶେଷ ହୋଇଛି। ସଭାପତି ଓ ଉପସଭାପତି ପାଇଁ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ବେଳେ ରମେଶ ଚନ୍ଦ୍ର ପ୍ରଧାନ ସଭାପତି ଭାବେ ବିଜୟ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ବିଷ୍ଣୁଚରଣ ରାଠୋର ବିଜୟ ହୋଇଥିବା ବେଳେ ସମ୍ପାଦକ ଭାବେ ବିଜୟ କୁମାର ପ୍ରଧାନ ଓ ସହସମ୍ପାଦକ ପଦରେ ନାଗେଶ୍ୱର ମହାନ୍ତ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସୂଚନା ଅନୁସାରେ, ଆଜି ଚମ୍ପୁଆ ବାର ଆସୋସିଏସନର ନିର୍ବାଚନରେ ୧୧୦ ଜଣ ଭୋଟରଙ୍କ ମଧ୍ୟରୁ ୧୦୨ ଜଣ ଭୋଟ ଦାନ କରିଥିବା ବେଳେ ୨ଟି ଭୋଟ୍ ନାକଚ ହୋଇଥିଲା। ସଭାପତି ଭାବେ ରମେଶଚନ୍ଦ୍ର ପ୍ରଧାନ ୫୫ ଖଣ୍ଡ ଭୋଟ ପାଇ ବିଜୟ ହୋଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଦଶରଥ ଗିରି ୪୫ ଖଣ୍ଡ ଭୋଟ ପାଇଥିଲେ। ସେହିପରି ଉପସଭାପତି ପଦରେ ବିଷ୍ଣୁଚରଣ ରାଠୋର ୫୫ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ରୋହିତ କୁମାର ବୈଦ୍ୟ ୪୫ ଖଣ୍ଡ ଭୋଟ ପାଇଥିଲେ। ଏହି ନିର୍ବାଚନକୁ ନିର୍ବାଚନ ଅଧିକାରୀ ଭାବେ ତାପସ କୁମାର ମିଶ୍ର ପରିଚାଳନା କରିଥିଲେ।

# ବଡ଼ବିଲ ବାର୍ ଆସୋସିଏସନ୍ ନୂଆ କର୍ମକର୍ତ୍ତା



ବଡବିଲ, ୨୯ ।୩(ସମିସ): ୨୦୨୫-୨୬ ବର୍ଷ ପାଇଁ ବଡବିଲ ବାର୍ ଆସୋସିଏସନ୍‌ର ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହୋଇଛି। ଯୁଗ୍ମ ସମ୍ପାଦକ ପଦ ପାଇଁ ନିର୍ବାଚନ ହୋଇଥିଲା। ଅନ୍ୟ ସମସ୍ତ ପଦ ପାଇଁ ସର୍ବସମ୍ମତି ଭିତ୍ତିରେ କେବଳ ଜଣେ ଲେଖାଏ ନାମାଙ୍କନପତ୍ର ଦାଖଲ କରିଥିଲେ। ନିର୍ବାଚନ ସମାପ୍ତି ପରେ ନିର୍ବାଚନ ଅଧିକାରୀ ଘୋଷଣା କରିଥିବା ଫଳାଫଳ ଅନୁଯାୟୀ ସୂର୍ଯ୍ୟକାନ୍ତ ତ୍ରିପାଠୀ ସଭାପତି, ବଳରାମ ମହାନ୍ତି ଉପସଭାପତି, ପ୍ରଦୀପ କୁମାର ମହାନ୍ତି ସମ୍ପାଦକ, ମିହିର କୁମାର ନାମତୋଆର, ଯୁଗ୍ମ ସମ୍ପାଦକ ରମେଶଚନ୍ଦ୍ର କାରୁଆ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି।

### ଆନନ୍ଦପୁର ଓକିଲ ସଂଘ ନିର୍ବାଚନ

# ଦୟାନିଧି ସଭାପତି, ଭଗବାନ ସମ୍ପାଦକ

ଆନନ୍ଦପୁର, ୨୯ ।୩(ସମିସ): ଆନନ୍ଦପୁର ଓକିଲ ସଂଘ ନିର୍ବାଚନରେ ଚତୁର୍ଥଥର ପାଇଁ ଦୟାନିଧି ଦାଶ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଭଗବାନ ମଲ୍ଲିକ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ନିର୍ବାଚନ ଅଧିକାରୀ ରାମଚନ୍ଦ୍ର ପାତ୍ର ଓ ସନ୍ତୋଷ କୁମାର ତ୍ରିପାଠୀ ନିର୍ବାଚନକୁ ପରିଚାଳନା କରିଥିଲେ। ୨୧୮ ସଦସ୍ୟଙ୍କ ମଧ୍ୟରୁ ୨୧୩ ସଦସ୍ୟ ଆଜି ମତଦାନ କରିଥିଲେ। ସଭାପତି ଶ୍ରୀ ଦାଶ ୧୦୨ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରବୀନ୍ଦ୍ର କୁମାର ସାହୁ ୫୫ ଖଣ୍ଡ ଓ କୁଳମଣି ସେଠୀ ୬ ଖଣ୍ଡ ଭୋଟ ପାଇଥିଲେ। ସେହିପରି ଉପସଭାପତି ପଦ ପାଇଁ ଉପସଭାପତି ପଦବୀରେ ଅତୁଲ ଚରଣ ନାୟକ ୯୭ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସରୋଜ କୁମାର ପଟ୍ଟନାୟକ ୬୪ ଖଣ୍ଡ ଭୋଟ ପାଇଛନ୍ତି। ସମ୍ପାଦକ ଭାବେ ଭଗବାନ ମଲ୍ଲିକ ୮୩ ଖଣ୍ଡ ଭୋଟ ପପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଚତୁର୍ଭୁଜ ଜେନା ୮୧



ଖଣ୍ଡ ଭୋଟ ପାଇଥିଲେ। ଯୁଗ୍ମ ସମ୍ପାଦକ ଭାବେ ପ୍ରମୋଦ କୁମାର ସାହୁ ଓ କୋଷାଧ୍ୟକ୍ଷ ଭାବେ ଅଶୋକ କୁମାର ରାଉଳ ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ଜଗତ ପ୍ରସାଦ ଓଝା ଜୁମର ସିଂ ମହାନ୍ତି, ଶୈଳେସ କୁମାର ପଟ୍ଟନାୟକ, ପୂର୍ବରୁ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାଯାଇଛି।

# ଆଲୋକ ସଭାପତି, ଅକ୍ଷୟ ସମ୍ପାଦକ ନିର୍ବାଚିତ

### କେନ୍ଦୁଝର ଜିଲ୍ଲା ଓକିଲ ସଂଘ ନିର୍ବାଚନ

କେନ୍ଦୁଝର, ୨୯।୩(ସମିସ): କେନ୍ଦୁଝର ଜିଲ୍ଲା ଓକିଲ ସଂଘର ନିର୍ବାଚନରେ ମୋଟ ୪୨୯ ଜଣ ସଦସ୍ୟ ମତଦାନ କରିଥିଲେ। ସଭାପତି ପଦ ପାଇଁ ଆଲୋକ ମହାନ୍ତ କ୍ରମାଗତ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଥିବାବେଳେ ସେ ୨୬୨ ଖଣ୍ଡ ଭୋଟ ପାଇଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରଦ୍ୟୁମ୍ନ କୁମାର ପରିଡ଼ା ୧୬୧ଟି ଭୋଟ ପାଇଛନ୍ତି। ଉପସଭାପତି ପଦ ପାଇଁ ଭାରତ ଭୂଷଣ ଦାସ ୧୬୨ଟି ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଭୁତିଭୂଷଣ ମହନ୍ତ ୧୪୦ଟି ଭୋଟ ପାଇଛନ୍ତି। ସମ୍ପାଦକ ପାଇଁ ଅକ୍ଷୟ କୁମାର ଜେନା ୨୧୯ ଖଣ୍ଡ ଭୋଟ ପାଇଛନ୍ତି। ତାଙ୍କ ନିକଟତମ




ପ୍ରତିଦ୍ୱନ୍ଦ୍ୱୀ ବଳଭଦ୍ର ନନ୍ଦ ୧୧୩ ଭୋଟ ପାଇ ପରାଜିତ ହୋଇଛନ୍ତି। ଦୁଇଟି ଯୁଗ୍ମ ସମ୍ପାଦକ ପଦରେ ତାରିଣୀ ପ୍ରସାଦ ପୋଥାଳ ୧୫୯, ହୁସେନ ଉଦ୍ଦିନ ୧୪୯ଟି ଭୋଟ ପାଇ ବିଜୟ ଲାଭ କରିଛନ୍ତି। ୫ଟି କାର୍ଯ୍ୟକାରୀ ସଦସ୍ୟ ପାଇଁ ଦିବ୍ୟରଞ୍ଜନ ସାହୁ, ଶାନ୍ତିଲତା ମହାରଣା, ଅର୍ଚ୍ଚନା ଦାଶ, ସୁବ୍ରତ କୁମାର ସେଠୀ ଓ ହଳଧର ମହାନ୍ତ ବିଜୟ ଲାଭ କରିଛନ୍ତି। ନିର୍ବାଚନ ଅଧିକାରୀ ଅଜୟ କୁମାର ନାଥ ଓ ସହ ନିର୍ବାଚନ ଅଧିକାରୀ ଜ୍ଞାନେନ୍ଦ୍ରନାଥ ଜେନା, ହିମାଂଶୁ ଶେଖର ମହାନ୍ତି, ଅର୍ଜୁନ ସାହୁ, ମନୋଜ ବେହେରା, ଦେବାଶିଷ ରଣା, ବସନ୍ତ ବେହେରା, ସଞ୍ଜୟ ଶତପଥୀ, ଯତୀନ୍ଦ୍ର ସାହୁ, ସୁମନ୍ତ ସାହୁ, ପ୍ରଶାନ୍ତ ଜେନା ଓ କରୁଣାକର ବ୍ରହ୍ମ ପ୍ରମୁଖ ୧୭ ଜଣିଆ ଟିମ ଏହି ନିର୍ବାଚନକୁ ପରିଚାଳନା କରିଥିଲେ। ନବନିର୍ବାଚିତ କର୍ମକର୍ତ୍ତାମାନେ ଆସନ୍ତା ଏକବର୍ଷ ପାଇଁ ଦାୟିତ୍ୱ ସମ୍ପାଦନ କରିବେ।

# ଦୁର୍ଘଟଣାରେ ପଥଚାରୀ ଗୁରୁତର



ରାମଚନ୍ଦ୍ରପୁର, ୨୯ ।୩(ସମିସ): ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥ ରାମଚନ୍ଦ୍ରପୁର ନୂଆସାହି ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ପଥଚାରୀ ଗୁରୁତର ଆହାତ ହୋଇଛନ୍ତି। ପ୍ରଥମେ ଆନନ୍ଦପୁର ପରେ କଟକ ସ୍ଥାନାନ୍ତର ହୋଇଥିବା ସୂଚନା ମିଳିଛି। ଗୁରୁତର ଆହତ ହେଉଇଛନ୍ତି। ବଡପଦନା ଗ୍ରାମର ଟୁକୁନୁ ସାହୁ(୩୯)। ଗତକାଲି ସକାଳ ରାସ୍ତା ମଝିରେ ଥିବା ଫୁଲ ଗଛରୁ ତୋଳିବାକୁ ଯାଉଥିବା ବେଳେ ଅଜଣା ଗାଡ଼ି ଧକ୍କା ଦେଇଥିଲା। ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଏନଏଚଆଇ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ସୁଆଁପଦା ଆଦର୍ଶ ବିଦ୍ୟାଳୟର 'ବେଟି ବଚାଓ ବେଟି ପଢ଼ାଓ' ରାଲି

ରାମଚନ୍ଦ୍ରପୁର, ୨୯ ।୩(ସମିସ): ଘଷିପୁରା ବ୍ଲକ ଅନ୍ତର୍ଗତ ସୁଆଁପଦାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନେ ବାଲ୍ୟ ବିବାହ, କନ୍ୟା ଭ୍ରୂଣ ହତ୍ୟା, କନ୍ୟାଙ୍କ ସୁରକ୍ଷା, ବାଳିକା ଶିକ୍ଷା ଆଦି ବିଷୟରେ ବିଭିନ୍ନ ସଚେତନତା ଧର୍ମୀ ସ୍ଲୋଗାନ ଦେଇଥିଲେ। ବିଦ୍ୟାଳୟ ଅଧକ୍ଷ ରଞ୍ଜିତ ସାହୁଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମରେ। ଶିକ୍ଷୟିତ୍ରୀ ଅରୁନ୍ଧତୀ ବେହେରା ଓ ଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତ ଗାନ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀ ରାଜଶ୍ରୀ ମଲ୍ଲିକ ଓ ଶିକ୍ଷକ ଅମୂଲ୍ୟ କୁମାର ସାହୁଙ୍କ ଦ୍ୱାରା ନାଟ୍ୟାଭିନୟ କରି ଝିଅମାନଙ୍କୁ ଶିକ୍ଷିତ କରାଇବାର ଉପାଦେୟ ବାର୍ତ୍ତା ପ୍ରଦାନ କରିଥିଲେ। ଶିକ୍ଷକ ସୁବ୍ରତ ନାୟକ, ଅମୂଲ୍ୟ ସାହୁ, ଶିକ୍ଷୟିତ୍ରୀ ପରିସୀମା ଓଝା, ଅରୁନ୍ଧତୀ ବେହେରା ସମେତ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ସ୍କାଉଟ୍ ପକ୍ଷରୁ ପାନୀୟ ଜଳସେବା ଶିବିର



ଆନନ୍ଦପୁର, ୨୯।୩(ସମିସ): ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ସ୍କାଉଟ ବିଭାଗ ତରଫରୁ ପାନୀୟଜଳ ସେବା ଶିବିର ଅଧ୍ୟକ୍ଷ ଭବାନୀ ପ୍ରସାଦ ବଳଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ରୋଭର ସ୍କାଉଟ ଲିଡର ଅଧାପକ ବିଜୟ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ରୋଭର ରେଞ୍ଜର ସ୍ୱେଚ୍ଛାସେବୀମାନେ ରେକୁଟିଆ ଛକରେ ପଥଚାରୀଙ୍କୁ ପାନୀୟଜଳ ଓ ଦହି ସରବତ ବଣ୍ଟନ କରିଥିଲେ। ଅଧାପକ ସୁଧାକର ଜେନା, ମନ୍ମଥ କୁମାର ପୃଷ୍ଟି, ମହେଶ୍ୱର ପାତ୍ର, ଅମରେନ୍ଦ୍ର ମିଶ୍ର, ବିଜୟ କୁମାର ଚକ୍ର, ଦାମୋଦର ମୁଣ୍ଡା ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ରୋଭର ସତ୍ୟବ୍ରତ ସାହୁ, ଓମପ୍ରକାଶ ରଣା, ଦେବାଶିଷ ପଣ୍ଡା, ଲମ୍ବୋଦର ମୁର୍ମୁ, ରେଞ୍ଜର ପ୍ରିୟଦର୍ଶିନୀ ପଲେଇ, ଲିପିକା ବାରିକ, ବବିତା ପାଗଳ, ସିପା ଦାସ, ସୋନାଲି ଜେନା, ଦୀପ୍ତିସ୍ମିତା ସେଠୀ, ଅଙ୍କିତା ଜେନା, ଲିଜାରାଣୀ ଦେହୁରୀ, ଶୁଭଶ୍ରୀ ସାହୁ, ମାମା ମୁର୍ମୁ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ସମବାୟ ସଚେତନତା ସମ୍ମିଳନୀ



କେନ୍ଦୁଝର, ୨୯।୩(ସମିସ): କେନ୍ଦୁଝରସ୍ଥିତ ସଂସ୍କୃତି ଭବନଠାରେ ଆନ୍ତର୍ଜାତିକ ବର୍ଷ-୨୦୨୫ ଉପଲକ୍ଷେ ଜିଲ୍ଲାସ୍ତରୀୟ ସମବାୟ ସଚେତନ ସମ୍ମିଳନୀ ଶନିବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ସମ୍ମାନିତ ଅତିଥିଭାବେ କେସିସି ବ୍ୟାଙ୍କର ସଭାପତି କାନନ ବିହାରୀ ପହି ଯୋଗ ଦେଇଥିଲେ। ଏହି ସଭାରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ୨୫୦ ଜଣ ମହିଳା ଉପସ୍ଥିତ ଥିଲେ। କେନ୍ଦୁଝର କେନ୍ଦ୍ର ସମବାୟ ଦ୍ୱାରା ଏହି କାର୍ଯ୍ୟକ୍ରମରେ ୭ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫ଲକ୍ଷ ଟଙ୍କା ଲେଖାଏଁ ଋଣ ପ୍ରଦାନ କରାଯାଇଛି। ୨୦୨୫ ବର୍ଷରେ ୧୦ ମାସ ଧରି ସମବାୟ ବିଭାଗ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡିଆରସିଏସ୍ ଶୁଭ୍ରକାନ୍ତି ତୁଙ୍ଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମବାୟ କ୍ଷେତ୍ରରେ ମହିଳା ସଶକ୍ତିକରଣ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପର୍ଶୁରାମ ବେହେରା, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦଚନ୍ଦ୍ର ମେହେର, ସିଇଓ କେସିସିବି ପ୍ରମୋଦ କୁମାର ଦାସ, କେନ୍ଦୁଝର ମିଲ୍କ ୟୁନିୟନର ଜେନେରାଲ ମ୍ୟାନେଜର ସତ୍ୟପ୍ରକାଶ ଧର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କେସିସି ବ୍ୟାଙ୍କ ମ୍ୟାନେଜର ଆଲୋକ ବଳ ପରିଚାଳନା କରିଥିବାବେଳେ ଆନନ୍ଦପୁର ଏଆରସିଏସ୍ ବିକାଶ ନାୟକ ଧନ୍ୟବାଦ ଦେଇଥିଲେ।

# ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ନାରଦପୁର, ୨୯।୩(ସମିସ): ଝୁମ୍ପୁରା ବ୍ଲକ ଗିଧିବାସଠାରେ ଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ରାମକୃଷ୍ଣ, ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୁଚେତା ମିଶ୍ର, ପୂର୍ବତନ ଅଧକ୍ଷ ଜଗନ୍ନାଥ ମିଶ୍ର, ସମାଜସେବୀ ସାଧୁଚରଣ ମହାନ୍ତ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦେଓ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ପଞ୍ଚାନନ ପ୍ରଧାନ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଟପର ହୋଇଥିବା ଷଷ୍ଠ ଶ୍ରେଣୀ ଛାତ୍ର ରୋହିତ ଓରାମ, ସପ୍ତମ ଛାତ୍ରୀ ସ୍ୱସ୍ତିକା ନାଏକ, ଅଷ୍ଟମ ଛାତ୍ର ଶୁଭମ୍ କୁମାର ନାଏକ, ନବମ ଛାତ୍ର ଆଶିଷ କୁମାର ନାଏକ ଏବଂ ପୂର୍ବତନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଦାସ, ପୂର୍ବତନ ଶିକ୍ଷକ ଶ୍ରୀଧର ପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ପରିଚାଳନା କରିଥିବା ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ।

# ବରମାଳ ଆଶ୍ରମ ବିଦ୍ୟାଳୟରେ ଅଭିଭାବକ ସହଭାଗିତା କାର୍ଯ୍ୟକ୍ରମ

ଆନନ୍ଦପୁର, ୨୯।୩(ସମିସ): ଘଷିପୁରା ବ୍ଲକ ଅନ୍ତର୍ଗତ ଦରଡିପାଳ ପଞ୍ଚାୟତ ବରମାଳ ସରକାରୀ ଆଶ୍ରମ ବିଦ୍ୟାଳୟରେ ସରକାରଙ୍କ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ଓ ପଛୁଆବର୍ଗ କଲ୍ୟାଣ ନିର୍ଦ୍ଧା ପକ୍ଷରୁ ଏକ ଅଭିଭାବକ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଦୀପ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସିଆରସି ସଞ୍ଜୟ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଦିଲ୍ଲୀପ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ କୁମାର ଚକ୍ର, ପ୍ରତାପରୁଦ୍ର ଭୁଇଁଆ, ତପନ କୁମାର ସାହୁ, ପରିଚାଳନା କମିଟିର ସଭାପତି ଶରତ ମଲ୍ଲିକ, ସମ୍ପାଦକ କୁନି ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ସୁରେନ୍ଦ୍ର ସୁନ୍ଦର ରାଉତ, ଗୀତାଞ୍ଜଳି ପଣ୍ଡା, ହରେକୃଷ୍ଣ ଦାସ, ସନ୍ତୋଷୀ ସାହୁ, ପୂର୍ଣ୍ଣିମା କିସ୍କୁ, ବିମଳ ସୁରେନ ପ୍ରମୁଖ ସହଯୋଗ କରିଥିଲେ।




# ମଦ ଦୋକାନରୁ ଲୁଟ୍

ଆନନ୍ଦପୁର, ୨୯।୩(ସମିସ): ଛେନାପଦୀ ଛକରେ ଥିବା ସରକାରୀ ସ୍ୱୀକୃତୀପ୍ରାପ୍ତ ବିଦେଶୀ ମଦ ଦୋକାନରୁ ଲୁଟ୍ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ୩ ଜଣ ଲୁଟେରା ମୁହଁକୁ ତାଉଲିଆରେ ଢାଙ୍କି ସଟର ତାଲା ଭାଙ୍ଗି ଭିତରେ ପଶି ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ଆଜି ସକାଳେ ଦୋକାନର ସେଲସମ୍ୟାନ୍ ମାନେ ଦୋକାନ ଖୋଲିବାକୁ ଯିବା ସମୟରେ ଲୁଟ୍ ସମ୍ପର୍କରେ ପଡ଼ିଥିଲା। ସିସି କ୍ୟାମେରାରେ ଚୋରିର ସମସ୍ତ ଦୃଶ୍ୟ ରେକର୍ଡ ହୋଇଛି।

# ଚଢ଼ଉ ପ୍ରବଳ, ମାମଲା ଦୁର୍ବଳ

ଆନନ୍ଦପୁର, ୨୯।୩(ସମିସ): ଲଘୁ ଖଣିଜ ଚୋରା ଚାଲାଣ ରୋକିବା ପାଇଁ ବିଭିନ୍ନ ସମୟରେ ଚଢଉ କରାଯାଉଛି। ବାଲି ମୋରମ ଓ ପଥର ବୋଝେଇ ଗାଡି ଜବତ କରାଯିବା ସହ ଜରିମାନା ଆଦାୟ କରାଯାଉଛି। ହେଲେ ଲଘୁ ଖଣିଜ ଚୋରି ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଯାହା ଚୋରା କାରବାରକୁ ପ୍ରୋତ୍ସାହିତ କରୁଛି। ମାଫିଆମାନେ ବେଧଡକ ଲଘୁ ଖଣିଜ ଚୋରି କରୁଥିବାରୁ ବିପୁଳ ରାଜସ୍ୱହାନି ହେଉଛି। ଗତ ଦୁଇ ବର୍ଷରେ କେନ୍ଦୁଝର ଜିଲ୍ଲାରେ ଏନଫୋର୍ସମେଣ୍ଟ ସ୍କ୍ୱାଡ ଓ ଅନ୍ୟ ବିଭାଗ ପକ୍ଷରୁ ୨୯୨ ଥର ଚଢଉ ହୋଇଛି। ତେବେ ଦୁଇବର୍ଷରେ କେବଳ ୨୦ଟି ମାମଲା ରୁଜୁ କରାଯାଇଛି। ଚୋରି କର ଧରା ପଡ଼ିଲେ ଜରିମାନା ଦିଅ। ଜରିମାନା ପଇଠ କରିଦେଲେ ସବୁକିଛି ମାଫ୍ କରିଦିଆଯିବ। ଖଣି ବିଭାଗର ଏଭଳି ଆଭିମୁଖ୍ୟ ଯୋଗୁଁ ଜିଲ୍ଲାରେ ଲଘୁ ଖଣିଜ ଚୋରି ବଢ଼ିବାରେ ଲାଗିଛି। ତଥ୍ୟ ମୁତାବକ ତେଲକୋଇ ଦେଇ ପ୍ରବାହିତ ସମାକୋଇ ନଦୀରୁ ବ୍ୟାପକ ବାଲି ଚୋରା ଚାଲାଣ ହେଉଛି। ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ ୪୭ଥର ଚଢଉ କରାଯାଇ ୫୨ଟି ହାଇଓା, ୩୭ଟି ଟ୍ରାକ୍ଟର ଏବଂ ୧୦୦୫ କ୍ୟୁବିକ୍ ମିଟର ବାଲି ଜବତ କରାଯାଇଥିଲା। ମାତ୍ର ଆଶ୍ଚର୍ଯ୍ୟର କଥା ହେଲା, ୪୭ଥର ଚଢଉ ପରେ ଦୁଇଟି ମାମଲା ରୁଜୁ ହୋଇଥିଲା। ସେହିପରି ୨୦୨୩-୨୪ ରେ ଏନଫୋର୍ସମେଣ୍ଟ ସ୍କ୍ୱାଡ ବିଭିନ୍ନ ସ୍ଥାନରେ ୯୧ ଥର ଚଢଉ କରି ୧୦୭ଟି ହାଇୱା ଓ ୮୪ଟି ଟ୍ରାକ୍ଟର ଜବତ କରିଥିଲା। ୨୪୬୫ କ୍ୟୁବିକ୍ ମିଟର ବାଲି ଜବତ କରାଯାଇଥିଲା।

# ୩ ପ୍ରମୁଖ ପର୍ବ ପାଇଁ ଶାନ୍ତି କମିଟି ବୈଠକ

ବଡବିଲ, ୨୯ ।୩(ସମିସ): ମାର୍ଚ୍ଚ ଓ ଏପ୍ରିଲ ମାସରେ ଉଭୟ ହିନ୍ଦୁ ଏବଂ ମୁସଲମାନ ସମ୍ପ୍ରଦାୟର ୩ଟି ପ୍ରମୂଖ ପର୍ବ ପାଳନ ହେବାକୁ ଯାଉଛି। ସେଗୁଡିକ ହେଲା ହିନ୍ଦୁ ନବବର୍ଷ, ଇଦ-ଉଲ ଫିତର ଏବଂ ଶ୍ରୀରାମ ନବମୀ। ଏହି ପର୍ବଗୁଡ଼ିକ ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଆଜି ପୁଲିସ ଉପସ୍ଥିତିରେ ଏକ ଶାନ୍ତି କମିଟି ବୈଠକର ଆୟୋଜନ କରାଯାଇଥିଲା। ଏହି ବୈଠକରେ ଏସଡିପିଓ ଡି.ପୟିଙ୍ଗୁଆ, ଥାନାଧିକାରୀ ଅଶୋକ କୁମାର ନାଏକଙ୍କ ଉପସ୍ଥିତିରେ ଉଭୟ ହିନ୍ଦୁ ଓ ମୁସଲିମ ସମ୍ପ୍ରଦୟର ନାଗରିକମାନେ ଆଲୋଚନା କରିଥିଲେ। ପ୍ରସ୍ତାବ ଅନୁଯାୟୀ ଶ୍ରୀରାମ ନବମୀରେ ବିଭିନ୍ନ ଆଖଡାର ଶୋଭାଯାତ୍ରା ନିର୍ଦ୍ଧାରିତ ସମୟ ସୀମା ଏବଂ ନିର୍ଦ୍ଧାରିତ ପଥରେ ଯିବେ। ଉଭୟ ସମ୍ପ୍ରଦାୟର କେହି ଉତ୍ତେଜନାପୂର୍ଣ୍ଣ ସ୍ଲୋଗାନ ଦେବେ ନାହିଁ। ଯେ କୌଣସି ଧାର୍ମିକ ଶୋଭାଯାତ୍ରା ପାଇଁ ଆଗୁଆ ପୁଲିସର ଅନୁମତି ନେବେ। ଏହାବ୍ୟତୀତ ଶୋଭାଯାତ୍ରା ସମୟରେ ପୁଲିସ ତରଫରୁ ସାଦା ପୋଷାକଧାରୀ ସୁରକ୍ଷା ବଳ ଓ ଶୃଙ୍ଖଳା ରକ୍ଷାକାରୀ କର୍ମୀ ନିୟୋଜିତ କରାଯିବ।

# ନିଶାମୁକ୍ତ ସମାଜ ପାଇଁ ଏକହେଲେ ମହିଳା



ରାମଚନ୍ଦ୍ରପୁର, ୨୯ ।୩(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ପଞ୍ଚାୟତ ସଭାଗୃହରେ ନିଶାମୁକ୍ତ ଗାଁ ଗଠନ ନେଇ ମିଶନଶକ୍ତି ମହିଳାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ଅଳତି ସାହିବସ୍ତିରେ ଦୀର୍ଘ ଦିନ ଧରି ଅନେକ ଦୋକାନୀ ଚୋରା ମଦ ଗଞ୍ଜେଇ ବ୍ୟବସାୟ କରି ଅଶାନ୍ତି ସୃଷ୍ଟି କରୁଛନ୍ତି। ସ୍ଥାନୀୟ ପୁଲିସ ଜାଣି ମଧ୍ୟ ନିରବ ରହିଥିବା ମହିଳାମାନେ ଅଭିଯୋଗ କରୁଛନ୍ତି। ଏଥିନେଇ ମହିଳାମାନେ ଉକ୍ତ ବୈଠକରେ କେନ୍ଦୁଝର ଏସପିଙ୍କୁ ଫୋନ୍ ଯୋଗେ ଅଭିଯୋଗ ମଧ୍ୟ କରିଥିଲେ। ଖୁବ୍ ଶୀଘ୍ର ବେଆଇନ ନିଶା କାରବାର କରୁଥିବା ବ୍ୟକ୍ତି ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ପକ୍ଷରୁ ପ୍ରତିଶ୍ରୁତି ମିଳିଛି। ସାମ୍ବାଦିକ ବିଭୂ ଚକ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ମିଶନ ଶକ୍ତିର ମିନତି ସାହୁ, ରିନା ସାହୁ, ଦେବକୀ କାଣ୍ଡି, ସୁକାନ୍ତି ସାହୁ, ରଶ୍ମିତା ସାହୁ, ଜେମାମଣି ସାହୁ, ଦାମିନୀ ସାହୁ, ଆସାଲତା ସାହୁ, ରିଙ୍କି ନାୟକ, ସବିତା ମହାରଣା, ପୂର୍ଣ୍ଣିମା ସାହୁ, ପ୍ରମିଳା ନାୟକ, ମଞ୍ଜୁଲତା ମହାଳିକ, ଅମ୍ବିକା ଦାଶ, ଅଶାନ୍ତି ସାହୁ, ପାଞ୍ଚାଳି ଦାସ, ଶ୍ରୀମତୀ ମହାଳିକ, ସସ୍ମିତା ସାହୁ, ସୁମିତ୍ରା କାଣ୍ଡୀଙ୍କ ସମେତ ୫୦ରୁ ଅଧିକ ମହିଳା ଏହି ନିଶା ନିବାରଣ ଅଭିଯାନରେ ସାମିଲ ହୋଇଛନ୍ତି।

### ଆନନ୍ଦପୁର ମହାବିଦ୍ୟାଳୟ

# ରସାୟନ ଓ ପଦାର୍ଥ ବିଜ୍ଞାନ ବିଭାଗରେ ସମ୍ବର୍ଦ୍ଧନା ପର୍ବ





ଆନନ୍ଦପୁର, ୨୯।୩ (ସମିସ)

ଆନନ୍ଦପୁର ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗର ଶେଷ ବର୍ଷ ଛାତ୍ରଛାତ୍ରୀଙ୍କର ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଭାଗୀୟ ମୁଖ୍ୟ ଡ. ଶେଖର ପ୍ରସାଦ ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ. ନାରାୟଣ ମିଶ୍ର ଏହାକୁ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଡ. ନିମାଇଁ ଚରଣ ରାଉତ, ପ୍ରଫୁଲ୍ଲ କୁମାର ପଣ୍ଡା, ବିଶ୍ୱରଞ୍ଜନ ସାହୁ, ଆଦ୍ୟାଦେବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଦେବାଶିଷ ଦାସ ସଂଯୋଜନା କରିଥିବା ବେଳେ ଶୁଭମ ରାମ ଧନ୍ୟବାଦ ଅର୍ପଣ କରିଥିଲେ। ପାର୍ଥସାରଥୀ ବେଜ ଓ ରସାୟନ ବିଜ୍ଞାନ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ।

ସେହିପରି କଲେଜର ପଦାର୍ଥ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ପ୍ରଦୀପ କୁମାର ଧଳ ହିନ୍ଦୋଳ ମହାବିଦ୍ୟାଳୟକୁ ଅଧକ୍ଷ ଭାବେ ବଦଳି ହୋଇଛନ୍ତି। ଏହି ଉପଲକ୍ଷେ ତାଙ୍କୁ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ପ୍ରାଧ୍ୟାପକ ନାରାୟଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଡ. ନାରାୟଣ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଡ. ନିମାଇଁ ଚରଣ ରାଉତ, ଡ. ଶକ୍ତିପ୍ରସାଦ ମହାପାତ୍ର, ଶିବଚରଣ ବେହେରା, ପୁଷ୍ପଲତା ରାମ ପ୍ରମୁଖ ଶ୍ରୀ ଧଳଙ୍କ କାର୍ଯ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ରଘୁଦୀପ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

